Food and Agriculture
Organization of the
United Nations

# କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ନିମିତ୍ତ ସାମୁଦ୍ରିକ ସୁରକ୍ଷା ସୂଚନାବଳୀ



BOBP

# କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ନିମିତ୍ତ ସାମୁଦ୍ରିକ ସୁରକ୍ଷା ସୂଚନାବଳୀ


**ଜାତିସଂଘ ଅଧିନସ୍ଥ ବିଶ୍ୱ ଖାଦ୍ୟ ଏବଂ କୃଷି ସଂଗଠନ**

ରୋମ, **2021**

Required citation:
FAO. 2021. କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ନିମିତ୍ତ ସାମୁଦ୍ରିକ ସୁରକ୍ଷା ସୂଚନାବଳୀ । ରୋମ ।

The designations employed and the presentation of material in this information product do not imply the expression of any opinion whatsoever on the part of the Food and Agriculture Organization of the United Nations (FAO) concerning the legal or development status of any country, territory, city or area or of its authorities, or concerning the delimitation of its frontiers or boundaries. The mention of specific companies or products of manufacturers, whether or not these have been patented, does not imply that these have been endorsed or recommended by FAO in preference to others of a similar nature that are not mentioned.

The views expressed in this information product are those of the author(s) and do not necessarily reflect the views or policies of FAO.

ISBN 978-92-5-134384-5

© **FAO**, 2021

Some rights reserved. This work is made available under the Creative Commons Attribution-NonCommercial-ShareAlike 3.0 IGO licence (CC BY-NC-SA 3.0 IGO; https://creativecommons.org/licenses/by-nc-sa/3.0/igo/legalcode).

Under the terms of this licence, this work may be copied, redistributed and adapted for non-commercial purposes, provided that the work is appropriately cited. In any use of this work, there should be no suggestion that FAO endorses any specific organization, products or services. The use of the FAO logo is not permitted. If the work is adapted, then it must be licensed under the same or equivalent Creative Commons licence. If a translation of this work is created, it must include the following disclaimer along with the required citation: "This translation was not created by the Food and Agriculture Organization of the United Nations (FAO). FAO is not responsible for the content or accuracy of this translation. The original [Language] edition shall be the authoritative edition."

Disputes arising under the licence that cannot be settled amicably will be resolved by mediation and arbitration as described in Article 8 of the licence except as otherwise provided herein. The applicable mediation rules will be the mediation rules of the World Intellectual Property Organization http://www.wipo.int/amc/en/mediation/rules and any arbitration will be conducted in accordance with the Arbitration Rules of the United Nations Commission on International Trade Law (UNCITRAL).

**Third-party materials**. Users wishing to reuse material from this work that is attributed to a third party, such as tables, figures or images, are responsible for determining whether permission is needed for that reuse and for obtaining permission from the copyright holder. The risk of claims resulting from infringement of any third-party-owned component in the work rests solely with the user.

**Sales, rights and licensing**. FAO information products are available on the FAO website (www.fao.org/publications) and can be purchased through publications-sales@fao.org. Requests for commercial use should be submitted via: www.fao.org/contact-us/licence-request. Queries regarding rights and licensing should be submitted to: copyright@fao.org.

This work was originally published by the Food and Agriculture Organization of the United Nations (FAO) in English as *Safety at sea for small-scale fishers*. In the event of discrepancies, the original language will govern.

Translation in Odia: Annada Bhusan Kar and Ansuman Das
Illustrations and Layout: S Jayaraj and Yugraj Singh Yadava (BOBP-IGO)

# ବିଷୟବସ୍ତୁ


ଉପକ୍ରମଣିକା ........ v
ସ୍ୱୀକାରୋକ୍ତି ........ vi
ଅଧ୍ୟାୟ ୧: ସାଧାରଣ ସୁରକ୍ଷା ........ 1

ସାଧାରଣ ସୁରକ୍ଷା ........ 3
ଡେକ୍ ସୁରକ୍ଷା ........ 4
ସୁରକ୍ଷା ଧାରଣା ଏବଂ ସିଡ଼ି ........ 14
ଅଗ୍ନି ନିରାପତ୍ତା ........ 18
ବାୟୁ ଚଳାଚଳ ........ 23
ଆଲୋକ ........ 24
ସୁରକ୍ଷା ଦଉଡି ଏବଂ ତାର ନିୟନ୍ତ୍ରଣ ........ 25
ଆନ୍ତର୍ଜାତୀୟ ସାମୁଦ୍ରିକ ସଙ୍କେତ ପତାକା ........ 30

ଅଧ୍ୟାୟ ୨: ବ୍ୟକ୍ତିଗତ ସୁରକ୍ଷା ........ 31

ବ୍ୟକ୍ତିଗତ ସୁରକ୍ଷା ........ 33
କର୍ମଚାରୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ........ 58
ପଡିନଯିବା ପାଇଁ (ଓଭରବୋର୍ଡ) ସତର୍କତା ........ 59
ଜୀବନ ରକ୍ଷାକାରୀ ଉପକରଣ ........ 60
ମାଛଧରିବା ପାଇଁ ବୁଡିବା ସମୟର ସୁରକ୍ଷା ........ 62

ଅଧ୍ୟାୟ ୩ : ସ୍ଥିରତା ........ 65

ସ୍ଥିରତା ........ 67
ଜାହାଜର ସ୍ଥିରତା ବଜାୟ ରଖିବା ........ 70

ଅଧ୍ୟାୟ ୪ : ସମୁଦ୍ରରେ ସୁରକ୍ଷିତ ରହିବା ........ 71

ଇଞ୍ଜିନ ବିଫଳତା କ୍ଷେତ୍ରରେ ନିଜର କର୍ତ୍ତବ୍ୟ ........ 73
ଲାଇଫ୍ ରାଫ୍ଟସ ଏବଂ ଲାଇଫ୍ ଜ୍ୟାକେଟ୍ ........ 81
ଜୀବନରକ୍ଷାକାରୀ ବିକଳ୍ପ ଭେଳା ........ 84
ଶୀତଳତା ଜନିତ ବିପଦ (ସୁରକ୍ଷା କୌଶଳ) ........ 85
ହାଇପୋଥର୍ମିଆ ........ 86
ଇମର୍ଶନ ଫୁଟ ........ 87
ସୌର ଜ୍ୱଳନ ........ 88
ଲୁଣ ପାଣି ଫୋଟକା ଏବଂ ଘା ........ 88
ଶାରୀରିକ କାର୍ଯ୍ୟ ........ 88
ଡ଼ିହାଇଡ୍ରେସନ (ନିର୍ଜଳୀକରଣ) ........ 88
ଡେଲିରିୟମ୍ ଏବଂ ମାନସିକ ଅସୁସ୍ଥତା ........ 89
ସ୍ୱଚ୍ଛତା ........ 89

ଅଧ୍ୟାୟ ୫ : ସିଦ୍ଧାନ୍ତ ........ 91

କର ଏବଂ କର ନାହିଁ (ଚେକ୍ ଅପ୍ ଏବଂ ପ୍ରଣାଳୀ) ........ 92
ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ମନେରଖିବା ଉଚିତ ........ 95
ସିଦ୍ଧାନ୍ତ ........ 97

# ଉପକ୍ରମଣିକା

"ପ୍ରଥମେ ସୁରକ୍ଷା" ଏହା ଏକ ମତ୍ସ୍ୟଜୀବୀ ଜାହାଜରେ କାମ କରୁଥିବା ବ୍ୟକ୍ତି ମନେ ରଖିବା କଥା । ନିରାପତ୍ତାକୁ ପ୍ରାଥମିକତା ଦିଆଯିବା ଜରୁରୀ । ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଜୀବନ ରକ୍ଷା କରିବା, ଜାହାଜକୁ କ୍ଷତିରୁ ରକ୍ଷା କରିବା, ଗୁରୁତର ଦୁର୍ଘଟଣା ଏବଂ ଆଘାତକୁ ଏଡ଼ାଇବା ଏବଂ ପରିବେଶକୁ ସୁରକ୍ଷା ଦେବା ସହ ଲାଭଜନକ ମତ୍ସ୍ୟସଂଗ୍ରହ ରେ ସହାୟକ ହୋଇଥାଏ ।

ସମସ୍ତ ମତ୍ସ୍ୟଜୀବୀ ଜାହାଜର ମାଲିକ, ଅପରେଟର ଏବଂ ସ୍କିପରମାନେ ସେମାନଙ୍କର କର୍ମଚାରୀମାନଙ୍କୁ ସୁରକ୍ଷା ଉପରେ ତାଲିମ ଦେବା ଏକ ଗୁରୁ ଦାୟିତ୍ୱ । ଏହି ପୁସ୍ତକ ମାଛ ଧରିବା ଜାହାଜରେ ସମ୍ଭାବ୍ୟ ଦୁର୍ଘଟଣାର ଉଦାହରଣ ପ୍ରଦାନ କରିବା ସହ ଏହିପରି ଦୁର୍ଘଟଣାକୁ ରୋକିବା ପାଇଁ ଉପଯୋଗୀ ଜ୍ଞାନ ଦେଇଥାଏ । ଏହି ପୁସ୍ତକ ମୁଖ୍ୟତଃ କ୍ଷୁଦ୍ର-ମତ୍ସ୍ୟଜୀବୀ ମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ୧୨ ମିଟରରୁ କମ୍ ଲମ୍ବ ଜାହାଜ ବ୍ୟବହାର କରନ୍ତି । ଅବଶ୍ୟ, ଅଧିକାଂଶ ଜ୍ଞାନ ମଧ ୨୦ ମିଟର ପର୍ଯ୍ୟନ୍ତ ବଡ଼ ମାଛଧରା ଜାହାଜ ପାଇଁ ଉପଯୋଗୀ ।

ସୁରକ୍ଷା ସଚେତନତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ସରଳ ଉପାୟରେ ଲିଖିତ ଏବଂ ଚିତ୍ରିତ କରା ଯାଇଛି ।

# ସ୍ୱୀକାରୋକ୍ତି

"କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ନିମିତ୍ତ ସାମୁଦ୍ରିକ ସୁରକ୍ଷା ସୂଚନାବଳୀ" ଉପରେ ଏହି ପୁସ୍ତକଟି ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (FAO) ଓ ବଙ୍ଗୋପସାଗର କାର୍ଯ୍ୟକ୍ରମ - ଆନ୍ତଃ ସରକାରୀ ସଂଗଠନ (BOBP-IGO) ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ କରାଯାଇଥିଲା ।

ଏହି ସ୍ତପୁକଟି ହେଉଛି ୨୦୦୭ ର ସୁନାମି ପୁନଃ ଥଇଥାନ କାର୍ଯ୍ୟକ୍ରମର ଉତ୍ପାଦିତ ଏକ ପୁସ୍ତକ ର ଏକ ଅଦ୍ୟତନ ସଂସ୍କରଣ, ଯାହା ଇଟାଲୀ ସରକାରଙ୍କ ଦ୍ୱାରା ସମର୍ଥିତ । ମୂଳ ପୁସ୍ତକଟି ଶ୍ରୀ ଏସ୍.କେ.ଏସ୍ ଜୟସିଂହ, ଶ୍ରୀ ଲଲିଥ୍ ସେନାନାୟାକେ, ଶ୍ରୀ ଆରି ଗୁଡମୁଣ୍ଡସନ୍ ଏବଂ ଶ୍ରୀ ଷ୍ଟେଫାନୋ ଥର୍ମିସ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ପୁସ୍ତକ ର ଏହି ଅଦ୍ୟତନ ସଂସ୍କରଣ ଶ୍ରୀ ରେମନ୍ ଭାନ୍ ଅନ୍ରୋ, ଶ୍ରୀମତୀ ଆଇରିସ୍ ମୋନେରେଓ ଏବଂ ଶ୍ରୀମତୀ ନିକୋଲ ଫ୍ରାଞ୍ଜ (FAO) ଙ୍କ ବୈଷୟିକ ମାର୍ଗଦର୍ଶନ ସହିତ ଶ୍ରୀ ଏସ ଜୟରାଜ ଏବଂ ଶ୍ରୀ ଯୁଗରାଜ ସିଂ ଯାଦବ (BOBP-IGO) ଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ର୍ୟ ଦୂରୀକରଣ (ଏସ୍ଏସ୍ଏଫ୍ ଗାଇଡଲାଇନ) ପ୍ରସଙ୍ଗରେ "ସ୍ଥାୟୀ କ୍ଷୁଦ୍ର-ମତ୍ସ୍ୟସଂଗ୍ରହ କୁ ସୁରକ୍ଷିତ କରିବା ପାଇଁ ସ୍ୱେଚ୍ଛାସେବୀ ମାର୍ଗଦର୍ଶିକା" ର କାର୍ଯ୍ୟକାରିତାକୁ ସମର୍ଥନ କରି ଏହି ପୁସ୍ତକଟି ପ୍ରସ୍ତୁତ କରାଯାଇଛି । ନରୱେ ସରକାରଙ୍କ ଠାରୁ ଏସ୍ଏସ୍ଏଫ୍ ମାର୍ଗଦର୍ଶିକାର ପ୍ରୋତ୍ସାହନ ଏବଂ ପ୍ରୟୋଗ ପାଇଁ FAO ପ୍ରମୁଖ କାର୍ଯକ୍ରମରେ ଏକ ଅବଦାନ ସ୍ୱରୂପ ଏବଂ ଜାଗତିକ ପରିବେଶ ସୁବିଧା (GEF) "ପୂର୍ବ କାରିବିଆନ୍ ମତ୍ସ୍ୟ କ୍ଷେତ୍ର ପ୍ରକଳ୍ପରେ ଜଳବାୟୁ ପରିବର୍ତ୍ତନ ଗ୍ରହଣ" ପାଇଁ ଦିଆଯାଇଥିବା ଆର୍ଥିକ ସହାୟତା ଦ୍ୱାରା (CC4Fish) ଏହି ପୁସ୍ତକଟିମେଣ୍ଟ ପ୍ରସ୍ତୁତ କରା ଯାଇଥିଲା ।

অধ্যায় ১

# সাধারণ সুরক্ষা



# ସାଧାରଣ ସୁରକ୍ଷା

ଛୋଟ ଆକାରର ମତ୍ସ୍ୟଜୀବୀ ଜାହାଜରେ ଉପଲବ୍ଧ ସ୍ଥାନ ବହୁତ ସୀମିତ । ଅନେକ ସାଧନ, ଯନ୍ତ୍ରପାତି ଏବଂ ଗିୟର୍ ଯାହା ମାଛ ଧରିବା ପାଇଁ ଆବଶ୍ୟକ ସରଞ୍ଜାମ ତାହା ଏଥିରେ ଥାଏ । ମତ୍ସ୍ୟ ଯାତ୍ରାକୁ ସଫଳତାର ସହିତ ସମାପ୍ତ କରିବା ପାଇଁ ଆବଶ୍ୟକ ହେଉଥିବା ବରଫ, ମଧୁର ଜଳ, ଇନ୍ଧନ ଏବଂ ଖାଦ୍ୟ ଭଳି ସାମଗ୍ରୀ ମଧ୍ୟ ଜାହାଜରେ ଗଚ୍ଛିତ ଥାଏ । ରାନ୍ଧିବା ଏବଂ କର୍ମଚାରୀଙ୍କ ରହିବା ପାଇଁ ବିଶେଷ କିଛି ସ୍ଥାନ ନଥାଏ । କର୍ମଚାରୀଙ୍କ ସୁରକ୍ଷା ପାଇଁ ସୁବିଧାଜନକ କାର୍ଯ୍ୟ ଏବଂ ରହିବା ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଜାହାଜର ରକ୍ଷଣାବେକ୍ଷଣ ମଧ୍ୟ ନିରାପତ୍ତାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଅଟେ । ଷ୍ଟିଅରିଂ, ଇନ୍ଧନ ପ୍ରଣାଳୀ, ଜାହାଜ ଚାଳନ  ଉପକରଣ, ଇଞ୍ଜିନ ପରିଚାଳନା ଏବଂ ସୁରକ୍ଷା ଉପକରଣର ନିୟମିତ ଯାଞ୍ଚ ନିରାପତ୍ତା ପାଇଁ ଏକାନ୍ତ ଆବଶ୍ୟକ ।

ସଚେତନ ରୁହନ୍ତୁ: ମତ୍ସ୍ୟଜୀବୀ ଜାହାଜରେ ଦୁର୍ଘଟଣାର ମୁଖ୍ୟ କାରଣଗୁଡ଼ିକ ହେଉଛି:

୧. ଜାହାଜ ଭିତରେ  ଅଗ୍ନିକାଣ୍ଡ,
୨. ସମୁଦ୍ରରେ  ମଣିଷ ଖସି ପଡିବା
୩. କର୍ମଚାରୀଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିଗତ ଦୁର୍ଘଟଣା,
୪. ହଲରେ ପାଣି ଲିକ୍,
୫. ସ୍ଥାନ ହରାଇ ଫସିଯିବା
୬. ମାଛ ଧରିବା ଗିୟର ହରାଇବା
୭. ଇଞ୍ଜିନ ବିଫଳତା
୮. ଷ୍ଟିଅରିଂ ସିଷ୍ଟମର ଅସୁବିଧା
୯. ପ୍ରୋପେଲର ନଷ୍ଟ ହୋଇଯିବା
୧୦. ଗିୟର ବାକ୍ସ ଖରାପ ହୋଇଯିବା
୧୧. ଇନ୍ଧନର ଅଭାବ
୧୨. ଘୂର୍ଣ୍ଣିବଳୟର ସାମ୍ନା କରିବା
୧୩. ପାନୀୟ ଜଳ ଏବଂ ଅନ୍ୟାନ୍ୟ ସାମଗ୍ରୀର ଅଭାବ
୧୪. ଅନ୍ୟ କୌଣସି ବସ୍ତୁ ସହିତ ଧକ୍କା
୧୫. ଯୋଗାଯୋଗ ହରାଇବା
୧୬. ଜଳଦସ୍ୟୁମାନଙ୍କ ହାବୁଡ଼ରେ ପଡ଼ିବା
୧୭. ଭୂମିଷ୍ଠ ହେବା
୧୮. ବିସ୍ଫୋରଣ ହେବା
୧୯. ପ୍ରବଳ ପବନ ଏବଂ ସ୍ରୋତକୁ ସାମ୍ନା କରିବା
୨୦. ବଜ୍ରପାତ

# ଡେକ୍ ସୁରକ୍ଷା


ହଠାତ୍ ଖସିଯିବା କିମ୍ବା ସ୍ଥାନାନ୍ତରିତ ହୋଇଯିବାକୁ ଏଡ଼ାଇବା ପାଇଁ ଖୋଲା ହ୍ୟାଚ୍ କଭର ଏବଂ କବାଟ ସୁରକ୍ଷିତ ରଖିବା ଉଚିତ ।
ବ୍ୟବହାରରେ ନଥିବା ବେଳେ, ଜଳ ହୋସ୍ ପାଇପକୁ କ୍ଲିପ ମଧ୍ୟରେ ବାନ୍ଧି ରଖିବା ଉଚିତ ।


ଉପକରଣ ଏବଂ ସାଜ ସରଞ୍ଜାମ ନିର୍ଦ୍ଧାରିତ ସ୍ଥାନରେ ସୁରକ୍ଷିତ ଭାବରେ ସାଇତି ରଖିବା ଉଚିତ ।
ଯିବା ଆସିବା ରାସ୍ତାକୁ ଗିଅର ଏବଂ ଦ୍ରବ୍ୟ ଗୁଡିକଠାରୁ ମୁକ୍ତ ରଖିବା ଉଚିତ ।



ଛନ୍ଦି ହୋଇଯାଇଥିବା ତାର କିମ୍ବା ଗିୟର କାଟିବା ପାଇଁ ଏକ ତାର କଟର ଏବଂ ଏକ ଛୁରୀକୁ ସର୍ବଦା ପ୍ରସ୍ତୁତ ରଖନ୍ତୁ । ଯଦି କୌଣସି ବ୍ୟକ୍ତି ଜାଲ କିମ୍ବା ଦଉଡିରେ ଛନ୍ଦି ହୋଇଯାଆନ୍ତି କିମ୍ବା ତାଙ୍କ ଠାରେ ହୁକ୍ ପସିଯାଇଥାଏ ତେବେ ଏହା ସେହି ବ୍ୟକ୍ତିଙ୍କୁ ପୃଥକ କରିବାକୁ ସହାୟକ ହେବ ।



ଗ୍ୟାସୋଲିନ କିମ୍ବା ଅଗ୍ନିସମର୍ଥକ ଅନ୍ୟ ତରଳ ପଦାର୍ଥକୁ ସଫେଇ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ ।
Gasoline



କାର୍ଯ୍ୟ କ୍ଷେତ୍ର, ଡେକ୍, ଇଞ୍ଜିନ୍ ରୁମ୍, ହୁଇଲ ଗୃହ ଏବଂ ନଙ୍ଗର କ୍ଷେତ୍ରକୁ ବ୍ୟକ୍ତିଙ୍କୁ ସ୍ଲିପ୍ ଏବଂ / କିମ୍ବା ପଡିଯିବା ଭଳି ଉପାଦାନଗୁଡିକ ଠାରୁ ମୁକ୍ତ ରଖିବା ଉଚିତ ।





କେବଳ ମାଛ ସଜାଡିବା ପାଇଁ ବ୍ୟବହୃତ ଚଟାଣକୁ ଛାଡି ଜାହାଜର ଅନ୍ୟ ଚଟାଣ ଗୁଡିକୁ ଅଣ-ଚିକ୍କଣ ରଖିବା ଜରୁରୀ ଅଟେ ।


ଡେକ୍ ଗିୟର୍ ସବୁବେଳେ ତଳକୁ ବାନ୍ଧି ରଖିବା ଉଚିତ ଯେପରିକି ଏହା ଖରାପ ପାଗରେ ବି ଖୋଲି ନଯାଏ ।




ସମସ୍ତ ବେଲ୍ଟ ଏବଂ ଅନ୍ୟାନ୍ୟ ଚଳପ୍ରଚଳଯନ୍ତ୍ରାଂଶ ଗୁଡିକ ସଠିକ୍ ଗାର୍ଡ ସହ ସଂଯୁକ୍ତ ରଖିବା ଉଚିତ ।


କର୍ମଚାରୀମାନେ ରହିବା, କାର୍ଯ୍ୟକରିବା କିମ୍ବା ଚଳପ୍ରଚଳ ସ୍ଥାନରେ କୌଣସି ତୀକ୍ଷଣ ଧାର ଥିବା ବସ୍ତୁ ରଖନ୍ତୁ ନାହିଁ ।


ଏକ ଆହୁଲା, ମାଷ୍ଟ, ପ୍ୟାଡଲ୍ କିମ୍ବା ଓର ସବୁବେଳେ ଜାହାଜ ରେ ରହିବା ଉଚିତ ଯାହା ଇଞ୍ଜିନ୍ ବିଫଳ ସମୟରେ ଜାହାଜ ଚାଳନାରେ ସହାୟକ ହୋଇପାରିବ ।


ଜାହାଜକୁ ଡକ୍ ପାଖରେ ସୁରକ୍ଷିତ ରଖିଲାବେଳେ ଖୁବ ସତର୍କତାର ସହ ତୁରନ୍ତ ବାହାରି ଯାଆନ୍ତୁ କାହିଁକିନା ଏସମୟରେ ଜାହାଜ ଏବଂ ଡକ୍ ମଧ୍ୟରେ ଖସିଯିବାର ସମ୍ଭାବନା ଅଧିକ ଥାଏ ।


ସେଠାରେ କେହି ଅଛନ୍ତି କି ?
ସର୍ବଦା ନିଶ୍ଚିତ କରନ୍ତୁ ଯେ ହ୍ୟାଚ୍, କମ୍ପାର୍ଟମେଣ୍ଟ କିମ୍ବା ଟ୍ୟାଙ୍କ ଗୁଡ଼ିକ ବନ୍ଦ ହେବା ପୂର୍ବରୁ ଭିତରେ କେହି ଫସି କିମ୍ବା ଅଟକି ରହି ନାହାନ୍ତି ।


ଜାହାଜର ଡେକ୍ ରୁ ମାଛ କାତି ର ଦାଗ ଅପସାରଣ ପାଇଁ ନିୟମିତ ସଫା କରନ୍ତୁ ଯାହାଦ୍ୱାରା ପଡିଯିବା ଏବଂ ଖସିଯିବା ଇତ୍ୟାଦି ଦୁର୍ଘଟଣାକୁ ଏଡାଯାଇ ପାରିବ ।


ସମସ୍ତ ଯନ୍ତ୍ରପାତି ଗୁଡିକୁ ସୁରକ୍ଷିତ ଭାବରେ ସଂଗଠିତ ଏବଂ ଗଚ୍ଛିତ ରଖନ୍ତୁ ।



ଡେକ୍ ରେ ଯେଉଁଠାରେ ସମ୍ଭବ ସୁରକ୍ଷିତ ଭାବରେ ପାଦ ରଖିବା ପାଇଁ ମ୍ୟାଟ୍ ବ୍ୟବହାର କରନ୍ତୁ ।

ଜାହାଜ ଗତିଶୀଳ ଥିବାବେଳେ ପାଣି ଟାଣନ୍ତୁ ନାହିଁ ଏହାଦ୍ୱାରା ଅଧିକ ଭାର ଦ୍ୱାରା ଖସି ପଡ଼ିବାର ବିପଦ ଥାଏ ।





ମାଛ ମାନଙ୍କୁ ଟାଣିବା ବେଳେ ଆପଣଙ୍କ ହାତକୁ ରକ୍ଷା କରିବା ପାଇଁ  ଗ୍ଲୋଭସ୍ ବ୍ୟବହାର କରନ୍ତୁ ।

ଏକାକୀ ଯାତ୍ରା କରିବା ସମୟରେ ଏବଂ ଯଦି ଆପଣ ଡେକ୍ ଉପରକୁ ଯିବା ଆବଶ୍ୟକ କରନ୍ତି  ତେବେ ଇଞ୍ଜିନକୁ ଗିୟର ମୁକ୍ତ କରନ୍ତୁ ଏହାଦ୍ୱାରା ଯଦି ଓଭରବୋର୍ଡ କାରଣରୁ ପଡ଼ିଯାଆନ୍ତି ତେବେ ଜାହାଜ ଆପଣଙ୍କ ଠାରୁ ଦୂରେଇଯିବ ନାହିଁ ।



# ସୁରକ୍ଷା ଧାରଣା ଏବଂ ସିଡ଼ି




ଅବ୍ୟବହୃତ ଡେକ୍ ଖୋଲିବା ଏବଂ ହ୍ୟାଚ୍ କୁ ସୁରକ୍ଷିତ ଭାବରେ ବନ୍ଦ ରଖିବା ଜରୁରୀ ଅଟେ ଯାହା ଦ୍ୱାରା ପାଣି ଭରିଯିବାକୁ ରୋକିହୋଇଥାଏ ଏବଂ କ୍ରୁ-ସଦସ୍ୟମାନେ ହଠାତ୍ ତା ଭିତରକୁ ଖସି ପଡିବାରୁ ରକ୍ଷା ପାଇ ପାରିବେ । ନିଶ୍ଚିତ କରନ୍ତୁ ଯେ ମ୍ୟାନହୋଲ୍ଡ କଭରଗୁଡିକ ସଠିକ୍ ଭାବରେ ସିଲ୍ ହୋଇଛି ।






ଯେତେବେଳେ ବ୍ୟବହାରରେ ନାହିଁ, ସିଡ଼ି ଏବଂ ଗ୍ୟାଙ୍ଗୱେ ଗୁଡିକ ତଳେ କିମ୍ବା ଉପରେ ସୁରକ୍ଷିତ ଭାବରେ ବାନ୍ଧି ସାଇତି ରଖନ୍ତୁ ।


ସର୍ବଦା ବ୍ୟବହାର ପୂର୍ବରୁ ସିଡ଼ି ଗୁଡିକୁ ଯାଞ୍ଚ କରନ୍ତୁ ଏବଂ ସେଗୁଡିକ ଭଲଭାବରେ ତଦାରଖ ହେଉଛି ବୋଲି ନିଶ୍ଚିତ କରନ୍ତୁ ।



ପୋର୍ଟେବଲ୍ ସିଡ଼ି ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଯଦି ଏକ ପୋର୍ଟେବଲ୍ ସିଡ଼ି ବ୍ୟବହାର କରିବାକୁ ହୁଏ ତେବେ ନିଶ୍ଚିତ କରନ୍ତୁ ଯେ ଏହା ସୁରକ୍ଷିତ ଭାବରେ ସଂଲଗ୍ନ ଅଛି ।



ନ ଖସିବା ପାଇଁ ସିଡ଼ିଗୁଡିକ ସଫା ରଖନ୍ତୁ ।

ଯେତେବେଳେ କୌଣସି କ୍ରୁ-ମେମ୍ବର ପାଣିରେ କାମ କରୁଛନ୍ତି,
ଡେକ୍ ରେ ଏକ ସିଡ଼ି କିମ୍ବା ଏକ ଦଉଡି ସିଡ଼ି ପ୍ରସ୍ତୁତ ରଖନ୍ତୁ ।





ଯେତେବେଳେ ଏକୁଟିଆ କାମ କରୁଛନ୍ତି
ବୋସନ ଚେୟାର ବ୍ୟବହାର କରନ୍ତୁ ।



# ଅଗ୍ନି ନିରାପତ୍ତା

ସମୁଦ୍ରରେ ଅଗ୍ନି ସବୁଠାରୁ ବିପଜ୍ଜନକ ଏବଂ ଜୀବନ ପ୍ରତି ବିପଦପୂର୍ଣ୍ଣ ଅଟେ । ସର୍ବଦା ଆପଣଙ୍କ ବୋଟକୁ ଅଗ୍ନି ବିପଦରୁ ମୁକ୍ତ ରଖନ୍ତୁ । ଇନ୍ଧନ, ଉତ୍ତାପ ଏବଂ ବାୟୁ ହେଉଛି ଅଗ୍ନିର ଉପାଦାନ, ତେଣୁ ବିପଦକୁ ହ୍ରାସ କରିବାକୁ, ସେମାନଙ୍କୁ ପରସ୍ପରଠାରୁ ଅଲଗା ରଖନ୍ତୁ ।






ନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ବ୍ୟବସ୍ଥା ଠିକ କ୍ରମରେ ଅଛି । ଯେକୌଣସି ଖୋଲା ସଂଯୋଗ, ନଷ୍ଟ ହୋଇଥିବା ଏବଂ ଖୋଲା ଥିବା ବୈଦ୍ୟୁତିକ କେବୁଲ, ଓଭରଲୋଡ୍ ପ୍ଲଗ୍ ଆଉଟଲେଟ୍ ଏବଂ ତ୍ରୁଟିପୂର୍ଣ୍ଣ ସୁଇଚ୍ ଯଦି ଥାଏ ତେବେ ସେଗୁଡିକୁ ତୁରନ୍ତ ବଦଳାଇ ଦିଅନ୍ତୁ ।

କଳଙ୍କିଧରା ଗ୍ୟାସ୍ ନିୟାମକକୁ ବଦଳାନ୍ତୁ । ସମାପ୍ତି ତାରିଖ ପୂର୍ବରୁ କିମ୍ବା ବାର୍ଷିକ ଭାବରେ ଗ୍ୟାସ୍ ହୋସ୍ ପାଇପ ବଦଳାନ୍ତୁ, ବିଶେଷକରି ଯଦି ସେଗୁଡିକ ଖରା ଏବଂ ପାଣିପାଗ ସଂସ୍ପର୍ଶରେ ଆସନ୍ତି ।



ଯେତେବେଳେ ବ୍ୟବହାରରେ ନାହିଁ, ସମସ୍ତ ବର୍ଣ୍ଣର ବନ୍ଦ କରିବା ଦରକାର ଏବଂ ବୋତଲ ରୁ ଗ୍ୟାସ୍ ନିୟାମକର ସଂଯୋଗ ବିଚ୍ଛିନ୍ନ କରିବା ଆବଶ୍ୟକ । କେବଳ ଅନୁମୋଦିତ ହୋସ୍ ଏବଂ ନିୟନ୍ତ୍ରକ ବ୍ୟବହାର କରନ୍ତୁ । ରନ୍ଧନ ପାଇଁ ବ୍ୟବହୃତ ପ୍ରୋପେନ ଏବଂ ବ୍ୟୁଟେନ ଗ୍ୟାସ ଗ୍ୟାସୋଲିନ ଅପେକ୍ଷା ଅଧିକ ବିପଜ୍ଜନକ ହୋଇପାରେ ଏହି ଗ୍ୟାସଗୁଡ଼ିକ ବାୟୁଠାରୁ ଭାରୀ ହୋଇଥାଏ ଏବଂ ଯଦି ଲିକ୍ ହୋଇଯାଏ ତେବେ ତାହା ଜାହାଜର ନିମ୍ନ ଭାଗରେ ରହିଥାଏ ଏବଂ ଏହାକୁ ଅପସାରଣ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ । ନିଶ୍ଚିତ କରନ୍ତୁ ଯେ ସମସ୍ତ ସିଲିଣ୍ଡରଗୁଡିକ ଖୋଲା ଡେକ୍ ରେ ସଠିକ୍ ଭାବରେ ସୁରକ୍ଷିତ ଅଛି ।

ଗ୍ୟାଲିରେ ଉପଯୁକ୍ତ ସୁରକ୍ଷିତ ବ୍ୟବସ୍ଥା ରଖନ୍ତୁ । ବାସନକୁସନଗୁଡିକୁ ଥାକ କିମ୍ବା ଡ୍ର ରେ ରଖନ୍ତୁ ଏବଂ ଚୁଲିରେ ଏକ ସୁରକ୍ଷା ଧାରଣା ବ୍ୟବହାର କରନ୍ତୁ ।



କଦାପି ଗରମ ଚୁଲାକୁ ଅନାବଶ୍ୟକ ଛାଡନ୍ତୁ ନାହିଁ । ଗ୍ରୀଜ୍ କିମ୍ବା ତେଲ ସହଜରେ ପ୍ରଜ୍ୱଳିତ ହୋଇ ଏକ ବଡ଼ ଅଗ୍ନିକାଣ୍ଡ ଘଟାଇପାରେ ।



ଜ୍ୱଳନଶୀଳ ପଦାର୍ଥ ଗୁଡିକୁ କ୍ରୁ ଆବାସ ସ୍ଥାନଠାରୁ ଦୂରରେ ଉପଯୁକ୍ତ ପାତ୍ରରେ ଗଛିତ ରଖିବା ଉଚିତ ।




ସର୍ବଦା ତେଲିଆ କପଡା ଗୁଡିକୁ ଏକ ଅଗ୍ନି ନିରୋଧକ ପାତ୍ରରେ ରଖନ୍ତୁ । ସେମାନେ ହୁଏତ ନିଆଁ ଆରମ୍ଭ କରିପାରନ୍ତି ନାହିଁ, କିନ୍ତୁ ଅନ୍ୟ କୌଣସି ଉତ୍ତାପ ଉତ୍ସ ବିନା ସ୍ୱତଃସ୍ଫୂର୍ତ୍ତ ଭାବେ ଜଳି ଯାଆନ୍ତି ।




ଜାହାଜର ଏକ ନିର୍ଦ୍ଧାରିତ ସ୍ଥାନରେ ଧୂମପାନ କରିବା ଉଚିତ । କୌଣସି ନିଆଁ ଲିଭାଇବା ପାଇଁ ଧୂମପାନ ଅଞ୍ଚଳରେ ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଏକ ବାଲ୍ଟି ବାଲି ରଖିବା ଉଚିତ । କେବେ ବିଛଣାରେ ଧୂମପାନ କରନ୍ତୁ ନାହିଁ ।

ଅଗ୍ନି ନିର୍ବାପକ ଯନ୍ତ୍ର ଏପରି ସ୍ଥାନରେ ଥିବା ଉଚିତ ଯାହା ପାଖରେ ସହଜରେ ପହଞ୍ଚି ହେବ । ଜାହାଜରେ ଥିବା ସମସ୍ତ ବ୍ୟକ୍ତି ତାହା କେଉଁଠାରେ ଅଛି ଏବଂ କିପରି ବ୍ୟବହାର କରିବେ ଜାଣିବା ଉଚିତ । ସେଗୁଡିକୁ ପର୍ଯ୍ୟାୟକ୍ରମେ ଯାଞ୍ଚ କରାଯିବା ଆବଶ୍ୟକ ଏବଂ ସେଗୁଡିକର ସମାପ୍ତି ତାରିଖ ପୂର୍ବରୁ ତଦାରଖ କରାଯିବା ଆବଶ୍ୟକ ।



ଇଞ୍ଜିନ୍ (ଏବଂ ଷ୍ଟୋଭ୍) ରୁ ନିଷ୍କାସିତ ପାଇପ୍ ଗୁଡିକୁ ଏକ କଠିନ କିମ୍ବା ଛିଦ୍ର ହୋଇଥିବା ଧାତୁ ସିଟ୍ ରେ ଘୋଡାନ୍ତୁ ।



ଶୁଖାଇବା ପାଇଁ ଧୁଆ ପୋଷାକ, ଗ୍ଲୋଭସ୍, ଟୋପି କିମ୍ବା ଅନ୍ୟାନ୍ୟ ଜିନିଷ ଷ୍ଟୋଭ ଉପରେ ଟାଙ୍ଗନ୍ତୁ ନାହିଁ - ସେମାନେ ଚୁଲି ଉପରେ ପଡ଼ି ନିଆଁ ଧରି ପାରନ୍ତି ।



# ବାୟୁ ଚଳାଚଳ

ବ୍ୟାଟେରୀ ଗୁଡିକୁ ଭଲ ଭାବରେ ସୁରକ୍ଷିତ ଏବଂ ସଠିକ୍ ଭାବରେ ବାୟୁ ପ୍ରବାହିତ ହେଉଥିବା ଏବଂ ସହଜରେ ପହଞ୍ଚିପାରୁଥିବା ଅଞ୍ଚଳରେ ରଖିବା ଉଚିତ । ବ୍ୟାଟେରୀକୁ ପାଣିଠାରୁ ଦୂରରେ ରଖନ୍ତୁ । କ୍ରୁ-ଆବାସରେ କେବେବି ବ୍ୟାଟେରୀ ଗଚ୍ଛିତ କରନ୍ତୁ ନାହିଁ । ବ୍ୟାଟେରୀରୁ ନିର୍ଗତ ଧୂଆଁ ଏବଂ ଗ୍ୟାସ୍ ନିଶ୍ୱାସ ପ୍ରଶ୍ୱାସରେ କ୍ଷତିକାରକ ହୋଇପାରେ ।




ଶୋଇବା କୋଠରୀଗୁଡିକ ଏପରି ଭାବରେ ଡିଜାଇନ୍ ଏବଂ ନିର୍ମାଣ ହେବା ଆବଶ୍ୟକ ଯାହାକି କ୍ରୁ-ସଦସ୍ୟମାନଙ୍କ ପାଇଁ ସତେଜ ବାୟୁ ପ୍ରବାହ ପାଇଁ ନିଶ୍ଚିତ କରାଏ । ଇଞ୍ଜିନ ରୁମରୁ ନିର୍ଗତ ଗ୍ୟାସ୍ ଯଦି ଜମା ହୋଇଯାଏ ତେବେ ମାରାତ୍ମକ ହୋଇପାରେ ।



# ଆଲୋକୀକରଣ



ମାଛ ଧରିବା କାର୍ଯ୍ୟ ଅନ୍ଧକାର ଆବଶ୍ୟକ ନ କରିବା ପର୍ଯ୍ୟନ୍ତ ମାଛ ଧରିବା ସମୟରେ, ଡେକ୍ ଉପରେ ଥିବା ଆଲୋକ ବନ୍ଦ ହେବା ଉଚିତ ନୁହେଁ । ଆଲୋକ ଏପରି ଭାବରେ ରଖାଯିବା ଉଚିତ ଯାହାଦ୍ୱାରା ଏହା ନିର୍ଦ୍ଧାରିତ କିମ୍ବା ଜାହାଜ ଚାଳନାର କାର୍ଯ୍ୟକ୍ରମରେ ହସ୍ତକ୍ଷେପ କରିବ ନାହିଁ ।




ରାତିରେ, ବନ୍ଦର ମଧ୍ୟରେ ଥିବା ସମୟରେ ପୋର୍ଟ ସାଇଡରେ ସର୍ବଦା ଏକ ଲାଲ୍ ଆଲୋକ, ଷ୍ଟାରବୋର୍ଡ ସାଇଡରେ ସବୁଜ ଆଲୋକ ଏବଂ ମାସ୍ତୁଲ ଉପରେ ଏକ ଧଳା ଆଲୋକ ଜଳାଇବା ଅନିବାର୍ଯ୍ୟ, ଯଦିଓ ତୁମେ ଲଙ୍ଗର କରିଛ ଏବଂ ଗତି କରୁନାହଁ ।



ସମସ୍ତ କାର୍ଯ୍ୟକୁ ନିରାପଦ ରେ କରିବାକୁ ହେଲେ ସମସ୍ତ କାର୍ଯ୍ୟ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣ ର ଆଲୋକ ରହିବା ଆବଶ୍ୟକ । ନିଶ୍ଚିତ କରନ୍ତୁ ଯେ ସିଡିରେ ନିଜ ବାଟରେ ଏବଂ ସିଡି ନିକଟରେ ଯଥେଷ୍ଟ ଆଲୋକ ଅଛି ।

# ଦଉଡି ଏବଂ ତାର ନିୟନ୍ତ୍ରଣ ।

ଏକ ନୂତନ କଏଲରୁ ନିଆଯାଇଥିବା ଡାହାଣ ହାତର ଦଉଡିଟିର ମୋଡ଼କୁ ବଜାୟ ରଖିବା ପାଇଁ ପୁଣି ବିପରୀତ ଭାବରେ ବୁଲାଇ ଗଣ୍ଠି ଗୁଡିକୁ ପ୍ରତ୍ୟାହାର କରାଯିବା ଉଚିତ ।

ଦଉଡିରେ ଥିବା ଗଣ୍ଠିଗୁଡିକ ସର୍ବଦା ସଠିକ୍ ଗୁଡାଇବା ଦ୍ୱାରା ବାହାର କରାଯାଇପାରିବ ଯେମିତିକି ଡାହାଣ ହାତର ଦଉଡି ପାଇଁ ଡାହାଣ ହାତ କଏଲିଙ୍ଗ ।





ଯଥାଶୀଘ୍ର ଏକ ମୋଡ଼ ଥିବା ଦଉଡି କିମ୍ବା ତାରକୁ ବଦଳାନ୍ତୁ । ଏକ ବ୍ଲକ୍ ମାଧ୍ୟମରେ ଏକ ମୋଡ଼ ଥିବା ଦଉଡି କିମ୍ବା ତାର ଟାଣିବା ବିପଜ୍ଜନକ ହୋଇପାରେ ।



ହଠାତ୍ ଏକ ଦଉଡିରେ ଏକ ଭାର ରଖାଯିବା ଉଚିତ ନୁହେଁ; କିମ୍ବା ଜର୍କ ଦେବା ଠିକ ନୁହେଁ । ଏହା ଦଉଡି ଉପରେ ଭାର ର ପରିମାଣ ଅଧିକ କରି ଏହାକୁ ଦୁର୍ବଳ କରିପାରେ ।







ଯେଉଁଠାରେ ସମ୍ଭବ, ଏକ ଗଣ୍ଠି ସ୍ଥାନରେ ଯୋଡାଇର ବ୍ୟବହାର କରାଯିବା ଉଚିତ କାରଣ ଏକ ଗଣ୍ଠି ଏକ ଦଉଡିକୁ ଦୁର୍ବଳ କରିପାରେ ।



ସମସ୍ତ ବ୍ଲକ୍ ଯଥେଷ୍ଟ ଶକ୍ତ ଏବଂ ଦଉଡି ପାଇଁ ଯଥେଷ୍ଟ ବଡ ହେବା ଉଚିତ । ଏହାର ବ୍ୟାସ ଦଉଡି ପାଇଁ ଉପଯୁକ୍ତ ହେବା ଉଚିତ ।



ଦଉଡିର ନିରାପଦ କାର୍ଯ୍ୟ ଭାର ଜାଣନ୍ତୁ, ଏବଂ ଭାରସୀମା ଅତିକ୍ରମ କରନ୍ତୁ ନାହିଁ । କଦାପି କ୍ଷୟ ହୋଇଥିବା ତାର ଏବଂ ଦଉଡିକୁ ଭାର ଉଠାଇବା ପାଇଁ ବ୍ୟବହାର କରନ୍ତୁ ନାହିଁ ।



ଦଉଡି, ଜାଲ କିମ୍ବା ଅନ୍ୟାନ୍ୟ ଗିୟର ସମୁଦ୍ରରେ ପରିତ୍ୟାଗ କରାଯିବା ଉଚିତ ନୁହେଁ । ପରିତ୍ୟକ୍ତ ଗିୟର ଅନ୍ୟ ଜାହାଜ ପାଇଁ ବିପଦ ସୃଷ୍ଟି କରିପାରେ, ଘୋଷ୍ଟ ଫିଶିଙ୍ଗ ସହ ଜଳକୁ ପ୍ରଦୂଷିତ କରିପାରେ । ଏକ ଦଉଡି କିମ୍ବା ଜାଲକୁ ପାର୍ଶ୍ୱରେ ଫୋପାଡି ଦିଆଯିବା ଉଚିତ ନୁହେଁ, କାରଣ ଏହା ପ୍ରୋପେଲ୍ଲର ରେ ଛନ୍ଦି ହୋଇଯାଇପାରେ ।






ତେଲ, ପେଟ୍ରୋଲ, ରଙ୍ଗ କିମ୍ବା ଅନ୍ୟାନ୍ୟ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଦଉଡିକୁ ଅଣାନ୍ତୁ ନାହିଁ ।




କଦାପି ଏକ ଦଉଡିକୁ "ଭାଙ୍ଗ " କରନ୍ତୁ ନାହିଁ କିମ୍ବା ଏହାକୁ ଅତ୍ୟଧିକ ବଙ୍କା କରନ୍ତୁ ନାହିଁ, ଏହା ତନ୍ତୁକୁ ଦୁର୍ବଳ କରିଦେବ ।



# ଆନ୍ତର୍ଜାତୀୟ ସାମୁଦ୍ରିକ ସଙ୍କେତ ପତାକା



“ମୋ ଠାରୁ ଦୂରତ୍ୱ ବଜାୟ ରଖନ୍ତୁ ; ମୁଁ କଷ୍ଟରେ ଜାହାଜ  ଚଳାଉଛି”।



“ମୁଁ ପାର୍ଶ୍ୱକୁ ଗତିପଥ ଡାହାଣ (ଷ୍ଟାରବୋର୍ଡ) ପାର୍ଶ୍ୱକୁ ପରିବର୍ତ୍ତନ କରୁଅଛି”।



“ମୁଁ ଯାତାୟାତ ପାଇଁ ଅକ୍ଷମ ଅଟେ; ମୋ ସହିତ ଯୋଗାଯୋଗ କରନ୍ତୁ”।



“ମୋତେ ଜଣେ ଜାହାଜ ଚାଳକଙ୍କ (ପାଇଲଟ)ଆବଶ୍ୟକତା ଅଛି”। ମତ୍ସ୍ୟକ୍ଷେତ୍ର ନିକଟରେ ଥିବା ମତ୍ସ୍ୟପୋତ ମାନଙ୍କ ଦ୍ୱାରା : “ମୁଁ ଜାଲ ଉଠାଉଅଛି”।



“ମୁଁ ମୋର ଗତିପଥ ବାମ (ପୋର୍ଟ ) ପାର୍ଶ୍ୱକୁ ପରିବର୍ତ୍ତନ କରୁଅଛି”।



ଏହି ଜାହାଜରେ ନିଆଁ ଲାଗିଯାଇଛି ଏବଂ ବିପଜ୍ଜନକ ମାଲ ଅଛି :  ମୋ ଠାରୁ ଦୂରତ୍ୱ ବଜାୟ ରଖନ୍ତୁ”। (କିମ୍ବା) ଏହି ଜାହାଜରୁ ବିପଜ୍ଜନକ ମାଲ ଲିକ୍ ହେଉଅଛି ।



“ମୁଁ ଆପଣଙ୍କ ସହ ଯୋଗାଯୋଗ କରିବାକୁ ଚାହୁଁଛି”।



“ମୋର ଜାହାଜର ଇଞ୍ଜିନ୍ ବନ୍ଦ ହୋଇଛି ଏବଂ ଜାହାଜ ପାଣି ଭିତରେ ଭାସମାନ ଅବସ୍ଥାରେ ଅଛି”।



“ଜଣେ ସଦସ୍ୟ ତଳକୁ  ପଡିଯାଇଛନ୍ତି” (ଏହା କେବେ କେବେ  ଜାହାଜରେ ଥିବା “ଜଣେ ସଦସ୍ୟ ତଳକୁ  ପଡିଯାଇଛନ୍ତି” ଦର୍ଶାଯାଇଥିବା ଖୁଣ୍ଟ ରେ ଲଗାଯାଇଥାଏ)। ସିନିଷ୍ଟର ଦ୍ୱାରା ସିମାଫୋର ପତାକା ଉତ୍ତୋଳନ କରନ୍ତୁ।



“ମାଛଧରା ଡଙ୍ଗାମାନେ:  ମୋ ଠାରୁ ଦୂରତ୍ୱ ବଜାୟ ରଖନ୍ତୁ; ମୁ ଯୁଗ୍ମ ଟ୍ରଲିଙ୍ଗ ରେ ନିୟୋଜିତ ଅଛି”।



“ମୁଁ ସାହାଯ୍ୟ ଆବଶ୍ୟକ କରେ”।



“ମୋର ଚିକିତ୍ସା ସହାୟତା ଆବଶ୍ୟକ”।



“ମୋର ଲଙ୍ଗର ଟାଣି ହୋଇ ଯାଉଅଛି”।



“ମୁଁ ଏକ ଟଗ ଆବଶ୍ୟକ କରେ” । ମତ୍ସ୍ୟ କ୍ଷେତ୍ର  ନିକଟରେ ଥିବା ମତ୍ସ୍ୟପୋତ ଦ୍ୱାରା : “ମୁଁ ଜାଲ ପକାଉଅଛି”।

ଅଧ୍ୟାୟ ୨

# ବ୍ୟକ୍ତିଗତ ସୁରକ୍ଷା



# ବ୍ୟକ୍ତିଗତ ସୁରକ୍ଷା



ଟଙ୍ଗା ହୋଇଥିବା ଓଜନ, ଉଠୁଥିବା ବୋଝ, ଡେରିକ ଏବଂ କ୍ରେନ୍ ତଳେ କଦାପି ଠିଆ ହୁଅନ୍ତୁ ନାହିଁ । ଭାର ଉଠାଇବା ପାଇଁ କ୍ଷୟ ହୋଇଥିବା ତାର ଏବଂ ଦଉଡି ବ୍ୟବହାର କରନ୍ତୁ ନାହିଁ ।



ଯଦି ଚଳମାନ ଓଜନ ଗୁଡିକ ସୁରକ୍ଷିତ ନଥାଏ ତେବେ ସେଗୁଡ଼ିକ ନିକଟରେ ଛିଡା ହେବା ଠାରୁ ଦୂରେଇ ରୁହନ୍ତୁ ।



ସଙ୍କଟାପନ୍ନ ତାର ଏବଂ ଦଉଡି ସହିତ ଭରାଦେଇ ଠିଆ ହେବା ଠାରୁ ଦୂରେଇ ରୁହନ୍ତୁ । ଭାଙ୍ଗିବା ଘଟଣାରେ ବିପଦଯୁକ୍ତ ତାର ଏବଂ ଦଉଡ଼ି ଭାର ଥିବା ଆଡକୁ ଗତି କରେ ଏବଂ ଶରୀରକୁ କ୍ଷତି ପହଞ୍ଚାଇପାରେ ।



ଏକ ସଙ୍କଟାପନ୍ନ ହୋଇଥିବା ତାର କିମ୍ବା ଦଉଡି ଉପରେ ଠିଆ ହୁଅନ୍ତୁ ନାହିଁ । ଯଦି ଏହା ଖସିଯାଏ ତେବେ ଆପଣ ଆହତ ହୋଇପାରନ୍ତି ।

ଏକାକୀ କାମ କରିବା ସମୟରେ ଏକ ସୁରକ୍ଷା ବେଲ୍ଟ ବ୍ୟବହାର କରନ୍ତୁ । ଯଦି ଖସି ଯାନ୍ତି ତେବେ ସୁରକ୍ଷା ବେଲ୍ଟ ଦ୍ୱାରା ତେବେ ରକ୍ଷା ପାଇଯିବେ ।









ଫ୍ଲିପ୍-ଫ୍ଲପ୍ ପିନ୍ଧନ୍ତୁ ନାହିଁ; ଡେକ୍ ଉପରେ ପଡିନଯିବା ପାଇଁ ଉପଯୁକ୍ତ ଜୋତା ବ୍ୟବହାର କରନ୍ତୁ ।



ଆଂଶିକ ଖୋଲା ହ୍ୟାଚ୍ କଭର କିମ୍ବା ମ୍ୟାନହୋଲ ଉପରେ ପାଦ ରଖନ୍ତୁ ନାହିଁ । ଯଦି କଭର୍ ଖସିଯାଏ, ଆପଣ ଭିତରକୁ ଖସି ପଡିପାରନ୍ତି ।





ଦଉଡି କିମ୍ବା ତାର ନିୟନ୍ତ୍ରଣ କରିବା ସମୟରେ ଗ୍ଲୋଭସ୍ ପିନ୍ଧନ୍ତୁ ।



ଚାଲୁଥିବା ଇଞ୍ଜିନଗୁଡ଼ିକରେ କଦାପି ମରାମତି କିମ୍ବା ପରିବର୍ତ୍ତନ କରନ୍ତୁ  ନାହିଁ ।



ଚଳନ୍ତା ଜାହାଜର ସାମ୍ନା ଆଡକୁ ଏକ ବଡ଼ ଭାରୀ ମାଛ ଉଠାଇବା ଠାରୁ ଦୂରେଇ ରୁହନ୍ତୁ ।
ଏହାକୁ ଉଠାଇବା ପୂର୍ବରୁ ସର୍ବଦା ମାଛକୁ ଆପଣଙ୍କ ଛିଡା ହୋଇଥିବା ସ୍ଥାନରୁ ପଛ ଆଡକୁ ରଖନ୍ତୁ । ଏହି ସ୍ଥିତି ଜାହାଜର ଗତିବିଧି ସହିତ ମାଛକୁ ଯିବାକୁ ଦେଇଥାଏ ଓ ଆପଣଙ୍କୁ କୌଣସି ଅସୁବିଧାରେ ପକାଇନଥାଏ ।




ସମୁଦ୍ରରେ ପଡିନଯିବା ପାଇଁ ରେଲିଂ ଉପରେ ବସନ୍ତୁ ନାହିଁ ।


ରାତିରେ କିମ୍ବା ସମୁଦ୍ର ଅଶାନ୍ତ ସମୟରେ ଡେକ୍ ଉପରକୁ ଏକୁଟିଆ ଯାଆନ୍ତୁ ନାହିଁ । ଖରାପ ପାଗ କିମ୍ବା ଜରୁରୀ କାମବେଳେ ଆବଶ୍ୟକ ପଡିଲେ ନାବିକମାନେ ସମୁଦ୍ରରେ ଖସି ନପଡିବା ପାଇଁ ସୁରକ୍ଷା ପୋଷାକ ପିନ୍ଧିବା ଉଚିତ ।

ଆପଣ ଇନ୍ଧନ ଟାଙ୍କି ଖୋଲିବା ବେଳେ ବାୟୁ ପ୍ରବାହ ଭଲ ଅଛି ବୋଲି ନିଶ୍ଚିତ କରନ୍ତୁ । ଇନ୍ଧନ ଟ୍ୟାଙ୍କର ଧୂଆଁ ସ୍ୱାସ୍ଥ୍ୟ ପାଇଁ ଖରାପ ଏବଂ ଏହା ବିପଜ୍ଜନକ ହୋଇପାରେ । ଅଧିକ ସମୟ ପାଇଁ ଟ୍ୟାଙ୍କ ବନ୍ଦ ରହିଲେ କାର୍ବନ ମନୋକ୍ସାଇଡ୍ ପରି ବିଷାକ୍ତ ଗ୍ୟାସ୍ ମିଳିପାରେ ।




ଧାତୁ ସମ୍ପର୍କିତ କାମ, ୱେଲଡିଂ, କିମ୍ବା ରଙ୍ଗ କାମ କରିବାବେଳେ କିରଣ, ଉଡୁଥିବା ଗୁଣ୍ଡ କିମ୍ବା ବିଷାକ୍ତ ବାଷ୍ପରୁ ଚକ୍ଷୁକୁ ସୁରକ୍ଷା ଦେବାକୁ ଉପଯୁକ୍ତ ଚକ୍ଷୁ ସୁରକ୍ଷା (ଚଷମା) ପରିଧାନ କରନ୍ତୁ । ଆଖିକୁ ରକ୍ଷା କରିବା ପାଇଁ ୱେଲଡିଂ କରିବା ସମୟରେ ଗାଢ ଚଷମା ପିନ୍ଧନ୍ତୁ । କୌଣସି ଆଘାତରୁ ହାତକୁ ରକ୍ଷା କରିବା ପାଇଁ ଗ୍ଲୋଭସ୍ ପିନ୍ଧନ୍ତୁ ।





ଦଉଡି କିମ୍ବା ତାରରେ ଠିଆ ହୁଅନ୍ତୁ ନାହିଁ ।
ଯଦି ଏହା ହଠାତ୍ ଟାଣି ହୋଇଯାଏ, ତେବେ
ଗୁରୁତର ଆଘାତ ପହଞ୍ଚିପାରେ ।



ଏକ ଦଉଡିକୁ ସିଧା କିମ୍ବା ଭିଡିବା ବେଳେ ଖୁଣ୍ଟ ଠାରୁ ଯଥେଷ୍ଟ ଦୂରତା ସହିତ
ଦଉଡିକୁ ଧରି ରଖନ୍ତୁ ।


ଡେକ୍ ଉପରେ କିମ୍ବା ସିଡ଼ି ଉପରେ ଦୌଡ଼ନ୍ତୁ ନାହିଁ । ଆପଣ ଖସିଯିବା କିମ୍ବା ପଡିଯିବାର ଅଧିକ ସମ୍ଭାବନା ଥାଏ । କଦାପି ଡିଅଁନ୍ତୁ ନାହିଁ । ଜାହାଜକୁ ଚଢିବା କିମ୍ବା ବାହାରିବା ସମୟରେ ସର୍ବଦା ସିଡ଼ି କିମ୍ବା ଗ୍ୟାଙ୍ଗୱେ ବ୍ୟବହାର କରନ୍ତୁ ।



ଏକ ସିଡ଼ି କିମ୍ବା ପାହାଚ ଚଢିବାବେଳେ ଆପଣଙ୍କର ସାମ୍ନାକୁ ସିଡ଼ି କିମ୍ବା ପାହାଚ ଆଡକୁ ରଖନ୍ତୁ, ରେଲିଂ ହାଣ୍ଡେଲକୁ ଦୃଢ ଭାବରେ ଧରି ରଖନ୍ତୁ । ଆପଣ ନେଉଥିବା ପ୍ରତ୍ୟେକ ପଦକ୍ଷେପକୁ ଆପଣ ଦେଖିପାରୁଥିବା ଉଚିତ । ସବୁ ସମୟରେ ଏହା ଆପଣଙ୍କୁ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରେ । ଚଢିବା କିମ୍ବା ତଳକୁ ଓହ୍ଲାଇବାବେଳେ ସର୍ବଦା ସିଡ଼ି ପଟକୁ ସମ୍ମୁଖ ଭାଗ ରଖନ୍ତୁ ।



ବରଫ କମ୍ପାର୍ଟମେଣ୍ଟ କିମ୍ବା ଫ୍ରିଜର ଭିତରେ ଯିବାବେଳେ ନିଜକୁ ରକ୍ଷା କରିବା ପାଇଁ ଉପଯୁକ୍ତ ପୋଷାକ, ଜୋତା / ବୁଟ୍, ଗ୍ଲୋଭସ୍ ଏବଂ ହେଲମେଟ ବ୍ୟବହାର କରନ୍ତୁ ।



ନିଜ ଶରୀରକୁ ସୂର୍ଯ୍ୟ କିରଣର ସଂସ୍ପର୍ଶ ରେ ଆଣନ୍ତୁ  ନାହିଁ । ଅତି ବାଇଗଣୀ ରଶ୍ମିର ସଂସ୍ପର୍ଶରେ ଆସିବା ଦ୍ୱାରା ଚର୍ମ ସମସ୍ୟା କିମ୍ବା କର୍କଟ ରୋଗ ହୋଇପାରେ ।



ଖରାଦିନେ ଚଷମା ପିନ୍ଧନ୍ତୁ କାରଣ ସୂର୍ଯ୍ୟଙ୍କ ଅବିରତ ପ୍ରକାଶ ଆଖି ପାଇଁ ହାନିକାରକ ଅଟେ । ଏକ ଟୋପି କିମ୍ବା ଲମ୍ବା ହାତର ପୋଷାକ ପିନ୍ଧନ୍ତୁ ଏବଂ ବାରମ୍ବାର ସନ୍ କ୍ରିମ୍ ବ୍ୟବହାର କରନ୍ତୁ ।





କେବଳ ଆପଣଙ୍କ ମେରୁଦଣ୍ଡକୁ ବଙ୍କା କରି ଭାରୀ ଓଜନ ଉଠାନ୍ତୁ ନାହିଁ । ବରଂ, ପାଦକୁ ଟିକିଏ ଅଲଗା କରି ଆଣ୍ଠୁକୁ ଅଧା ବଙ୍କା କରନ୍ତୁ, ଓଜନକୁ ସଠିକ୍ ଭାବରେ ଧରି ରଖନ୍ତୁ, ପିଠିକୁ ସିଧା ରଖନ୍ତୁ ଏବଂ ଓଜନ ସହିତ ଛିଡା ହୁଅନ୍ତୁ । ଏହା ପିଠି ଆଘାତକୁ ରୋକିବ, ଅନ୍ୟଥା ଏହାର ପରିଣାମ ଗମ୍ଭୀର ହୋଇପାରେ ।


ନିଶ୍ଚିତ କରନ୍ତୁ ଯେ କବାଟ
ଏବଂ ଝରକା ବନ୍ଧା ହୋଇଛି ।
ରୋଲିଙ୍ଗ ହେବା ଏବଂ
ଦୋହଲିବା ଦ୍ୱାରା କବାଟ
କିମ୍ବା ଝରକା ବାଡେଇ
ହୋଇପାରେ ଏବଂ ଆଘାତ
ଲାଗିପାରେ ।


ସର୍ବଦା ହାତର ଯତ୍ନ ନିଅନ୍ତୁ ଏବଂ ସେମାନଙ୍କୁ ସମ୍ଭାବ୍ୟ
ଆଘାତରୁ ରକ୍ଷା କରନ୍ତୁ ।




ବୈଦ୍ୟୁତିକ ତାର ଏବଂ ଫିଟିଙ୍ଗସ
ପରିଚାଳନା କରିବା ସମୟରେ ସତର୍କ
ରୁହନ୍ତୁ । ବୈଦ୍ୟୁତିକ ଅଂଶରେ କାମ କରିବା
ପୂର୍ବରୁ ପରିଚାଳକଙ୍କୁ ଅବଗତ କରନ୍ତୁ ।

ବଜ୍ରପାତ ହେଲେ ଖୋଲା ଡେକ୍
ଉପରେ ଠିଆ ହୁଅନ୍ତୁ ନାହିଁ ।
ସ୍ୱିଚ ଦିଅନ୍ତୁ ନାହିଁ ନିଜ ଶରୀର
ମାଧ୍ୟମରେ ପୃଥିବୀକୁ ବିଜୁଳି ପାଇଁ
ସର୍ବୋଚ୍ଚ ବିନ୍ଦୁ ଆପଣ ହେବେ ।
ସବୁବେଳେ ହୁଇଲ ହାଉସ ଭିତରେ
ରୁହନ୍ତୁ ଯାହା ଦ୍ୱାରା ଆପଣ ଛାତ ଦ୍ୱାରା
ସୁରକ୍ଷା ପାଇଯିବେ ।



ଯଥାସମ୍ଭବ ଶୃଙ୍ଖଳା, ପରିଷ୍କାର ଏବଂ ଉପଯୁକ୍ତ ପୋଷାକ ପିନ୍ଧନ୍ତୁ । ଚଳନ୍ତା ଯନ୍ତ୍ରପାତି ସହିତ କାମ କରିବା ସମୟରେ କିମ୍ବା ପଡିବା ସମ୍ଭାବନା ଥିବା ବସ୍ତୁ ତଳେ କାମ କରିବା ସମୟରେ କଠିନ ଟୋପି କିମ୍ବା ହେଲମେଟ ପିନ୍ଧନ୍ତୁ ।



ଆକସ୍ମିକ କାଟ ଏବଂ ଘୋଷଡାକୁ ରୋକିବା ପାଇଁ ସର୍ବଦା ଆପଣଙ୍କର ନାବିକ ଛୁରୀ ଆବରଣରେ ରଖନ୍ତୁ ।





କବାଟ ଦେଇ ପ୍ରବେଶ କରିବାବେଳେ ସର୍ବଦା ମୁଣ୍ଡକୁ ଧ୍ୟାନ ଦିଅନ୍ତୁ । ଜାହାଜର କବାଟ ଫ୍ରେମ ଗୁଡିକ ଘରୋଇ ଦୁଆରବନ୍ଧ ଠାରୁ କମ ଉଚ ହୋଇଥାଏ ।







ସଠିକ୍ ଭାବରେ ଆଲୋକିତ ନହୋଇଥିବା ଅବସ୍ଥାରେ ହୋଲ୍ଡ କିମ୍ବା ହ୍ୟାଚ ମଧ୍ୟରେ ପ୍ରବେଶ କରନ୍ତୁ ନାହିଁ । ସାଧାରଣ ଆଲୋକ ବ୍ୟତୀତ, ଇଞ୍ଜିନ ରୁମ୍ ଏବଂ ହୁଇଲ ହାଉସରେ ଏକ ଜରୁରୀକାଳୀନ ଆଲୋକ ଉପଲବ୍ଧ ହେବା ଆବଶ୍ୟକ ।

ମଦ୍ୟପାନର ଅତ୍ୟଧିକ ବ୍ୟବହାର କିମ୍ବା ଡ୍ରଗ୍ସର ଅପବ୍ୟବହାର ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷା ପ୍ରତି ବିପଦ ଅଟେ। ଘରେ ନିର୍ମିତ କଡା ମଦ୍ୟ କିମ୍ବା ଅବାଧ ସ୍ପିରିଟ ପିଅନ୍ତୁ ନାହିଁ । ବିଷାକ୍ତ ସ୍ପିରିଟ ପିଇବା ଦ୍ୱାରା ଅନେକ ମୃତ୍ୟୁ ଘଟିଛି ।



ହ୍ୟାଣ୍ଡେଲ ଧରି କୌଣସି ତୀକ୍ଷ୍ଣ ଉପକରଣ କିମ୍ବା ବସ୍ତୁ ଅନ୍ୟକୁ ଦିଅନ୍ତୁ ନାହିଁ । ଦେବାବେଳେ ସର୍ବଦା ତୀକ୍ଷ୍ଣ ପଟକୁ ନିଜେ ଧରି ରଖନ୍ତୁ ଏବଂ ତା'ପରେ ହାଣ୍ଡେଲ ପଟ ଗ୍ରହଣକାରୀଙ୍କୁ ଦିଅନ୍ତୁ ।





କଠିନ ବସ୍ତୁକୁ କାଟିବା ସମୟରେ ଛୁରୀର ମୁହଁ ନିଜ ଆଡକୁ ରଖନ୍ତୁ ନାହିଁ । ସର୍ବଦା ନିଜ ଶରୀର ଠାରୁ ଦୂରରେ କାଟନ୍ତୁ ।







ସମ୍ଭାବ୍ୟ ଭାଇରସ୍ ଆକ୍ରମଣକୁ ରୋକିବା ପାଇଁ ମାଛଧରା ଯାତ୍ରା ପୂର୍ବରୁ ସର୍ବଦା ନିଜର ଟୀକାକରଣ କରନ୍ତୁ ।

ଯଦିଓ ଆପଣ ଏକ ହତାଶ ଅବସ୍ଥାରେ ଅଛନ୍ତି ତଥାପି ସମୁଦ୍ର ଜଳ ପିଅନ୍ତୁ ନାହିଁ | ସମୁଦ୍ର ଜଳ ପିଇବା ଅପେକ୍ଷା ଆପଣ ପାଣି ନ ପିଇ ଅଧିକ ସମୟ ବଞ୍ଚିପାରିବେ ।



ଶରୀରକୁ ଫିଟ ହେଉଥିବା ପୋଷାକ ପିନ୍ଧନ୍ତୁ, ଯାହା ଚକିରେ କିମ୍ବା ଯନ୍ତ୍ରପାତିରେ ଛନ୍ଦି ହେବାର ସମ୍ଭାବନା କମ୍ ଥାଏ । ଖୋଲାଥିବା ବୋତାମ ଗୁଡିକ ଜାଲ ଏବଂ ଅନ୍ୟାନ୍ୟ ମାଛଧରା ଗିୟରରେ ଛନ୍ଦି ହୋଇଯାଇପାରେ । ବିପଦକୁ ଏଡାଇବା ପାଇଁ ସେମାନଙ୍କୁ ଟେପ୍ ଦ୍ୱାରା ଆଚ୍ଛାଦିତ ରଖନ୍ତୁ ।



ଲମ୍ବା କେଶକୁ ଟୋପି ତଳେ ରଖନ୍ତୁ । ଏହିପରି କଲେ, ପୁଲି ଚକି ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିରେ କେଶ ଛନ୍ଦି ହେବାର ସମ୍ଭାବନା କମ୍ ଥାଏ ।



ମୁଦି ଏବଂ ବଳା ପିନ୍ଧନ୍ତୁ  ନାହିଁ । ସେଗୁଡିକ ତାର, ଜାଲ, ଗିୟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିରେ ଲାଗିଜିବାର ସମ୍ଭାବନା ଥାଏ ।





ଇଞ୍ଜିନ୍ ରୁମ୍ ହ୍ୟାଚ୍ କଭର ଖୋଲା ହେଲେ ଧ୍ୟାନ ଦିଅନ୍ତୁ । କେତେକ ଡଙ୍ଗାରେ, ଇଞ୍ଜିନ୍ ରୁମକୁ ପ୍ରବେଶ ଆବାସ ସ୍ଥାନରୁ ଆସିଥାଏ । ତେଣୁ, ଯଦି ଆପଣ ଏହାକୁ ନଦେଖି ଝୁଙ୍କି ପଡନ୍ତି ତେବେ ଆପଣ ସହଜରେ ଖୋଲା ଦ୍ୱାର ଦେଇ ଇଞ୍ଜିନ କୋଠରୀରେ ପଡିପାରନ୍ତି ।


ଏକୁଟିଆ କାମ କରିବା ସମୟରେ ସରଞ୍ଜାମ ଏବଂ ରଙ୍ଗ ପାତ୍ରକୁ ସାବଧାନରେ ବାନ୍ଧି ରଖନ୍ତୁ ଯେପରିକି ସେଗୁଡିକ ତଳେ ନ ପଡେ ଏବଂ ତଳେଥିବା ଲୋକଙ୍କୁ ଆଘାତ ନ କରେ ।


ନିମନ୍ତ୍ରିତ ନ ହେବା ପର୍ଯ୍ୟନ୍ତ ଅନ୍ୟମାନଙ୍କର କାମରେ ହସ୍ତକ୍ଷେପ କରନ୍ତୁ ନାହିଁ । ଯେତେବେଳେ କାର୍ଯ୍ୟ କ୍ଷେତ୍ରରେ ଅଛନ୍ତି ଉପଯୁକ୍ତ ପୋଷାକ ପିନ୍ଧନ୍ତୁ ।



କୌଣସି ଦଉଡିକୁ ହାତ ସାହାଯ୍ୟରେ ପୁଲିରେ ଲଗାଇବାକୁ ଚେଷ୍ଟା କରନ୍ତୁ ନାହିଁ । ଏକ ଲିଭର ବ୍ୟବହାର କରନ୍ତୁ । କୌଣସି ଗତିଶୀଳ ତାରକୁ ଧରି ରଖନ୍ତୁ ନାହିଁ ।







ଆପଣଙ୍କ କାର୍ଯ୍ୟ ସମୟ ପରେ, ନିଶ୍ଚିତ କରନ୍ତୁ ଯେ ଆପଣ କାର୍ଯ୍ୟ ସ୍ଥାନଠାରୁ ଦୂରରେ ଅଛନ୍ତି ।

ଜୀବନ୍ତ ବଡ଼ ମାଛକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ମୃତ୍ୟୁ ପରେ ମଧ୍ୟ ମଗର ମାଛ ପାଟି କିଛି ସମୟ ପାଇଁ ପ୍ରସାରଣ କରିପାରେ । ସ୍କେଟ୍ ର ଲାଞ୍ଜର ମଝିରେ ଏକ ବିଷାକ୍ତ ସ୍ପାଇକ୍ ଅଛି ଏବଂ ଏହା ଦ୍ୱାରା ସାଂଘାତିକ ଆଘାତ ଲାଗିପାରେ ।









କଣ୍ଟା ଯୁକ୍ତ ପେଟଫୁଲି ମାଛ ଖାଆନ୍ତୁ ନାହିଁ, ସେମାନେ ବିଷାକ୍ତ ହୋଇପାରନ୍ତି ।
କାତି ଆଚ୍ଛାଦିତ ମାଛ ଖାଇବା ନିରାପଦ ଅଟେ ।

ଜେଲି ମାଛ କିମ୍ବା ପାଣିରେ ଭାସୁଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ଖାଲି ହାତରେ ସ୍ପର୍ଶ କରନ୍ତୁ ନାହିଁ ।
ଛୁଇଁଲେ ସେମାନେ ଚର୍ମକୁ ସଂକ୍ରମିତ କରିପାରନ୍ତି ।







ମାଛ କାଟିବା ସମୟରେ ଅତ୍ୟଧିକ ସତର୍କ ହୁଅନ୍ତୁ । ତୀକ୍ଷ୍ଣ ମାଛ କଣ୍ଟା, ଦାନ୍ତ ଏବଂ ପକ୍ଷ ବିପଜ୍ଜନକ ହୋଇପାରେ ।



ସୁରକ୍ଷା ଚଷମା କିମ୍ବା ଗ୍ରୀଷ୍ମ ରୋଧକ ଚଷମା ପିନ୍ଧି ଉଡ଼ନ୍ତା ମାଛ ହୁକ ଠାରୁ ଆଖିକୁ ରକ୍ଷା କରନ୍ତୁ ।


କଦାପି ଭାରୀ ମାଛ ଉଠାନ୍ତୁ ନାହିଁ । ଏକ ରସି କିମ୍ବା ପୁଲି ବ୍ୟବହାର କରନ୍ତୁ ।







ବରଫିକୃତ ବଡ଼ ମାଛ ନେବା ଆଣିବା କରିବା ସମୟରେ ସୁରକ୍ଷା ଜୋତା ପିନ୍ଧନ୍ତୁ ।

## କର୍ମଚାରୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ

- ମାଲିକଙ୍କ ପ୍ରତିନିଧି ଭାବରେ ସ୍କିପରଙ୍କର ହିଁ କର୍ମଚାରୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ତଥା ମତ୍ସ୍ୟଜୀବୀ ଜାହାଜର ନିରାପଦ କାର୍ଯ୍ୟ ପାଇଁ ସାମଗ୍ରିକ ଦାୟିତ୍ୱ ରହିଛି ।
- କ୍ରୁ ମାନେ ମାଲିକ, ସ୍କିପର ଏବଂ ଅନ୍ୟ କ୍ରୁ ସଦସ୍ୟମାନଙ୍କ ସହିତ ନିଜର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ତଥା ଅନ୍ୟାନ୍ୟ କ୍ରୁ ସଦସ୍ୟ ଏବଂ ଜାହାଜରେ ଥିବା ଅନ୍ୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ପାଇଁ ସହଯୋଗ କରିବା ଉଚିତ ।
- ଯଦି କୌଣସି କ୍ରୁ-ମେମ୍ବର ଔଷଧୀୟ ଉପଚାରରେ ଥାନ୍ତି, ସେମାନେ ଆବଶ୍ୟକ ପରିମାଣର ଔଷଧୀୟ ସାମଗ୍ରୀ ବହନ କରିବା ଆବଶ୍ୟକ ଯାହା ସମଗ୍ର ମାଛଧରା ଯାତ୍ରା ପାଇଁ ଯଥେଷ୍ଟ ହେବ ।
- କ୍ରୁ-ସଦସ୍ୟମାନେ ସମୁଦ୍ର ଯାତ୍ରାରେ ବାଧା ସୃଷ୍ଟି କରୁଥିବା ଯେ କୌଣସି ଆଶଙ୍କାରୁ ମୁକ୍ତ ରହିବା ଉଚିତ ।
- ଅସୁସ୍ଥ ଥିବା ସନ୍ଦେହ କରାଯାଉଥିବା କୌଣସି କ୍ରୁ-ସଦସ୍ୟ, ମତ୍ସ୍ୟଯାତ୍ରା ପାଇଁ ତାଲିକାଭୁକ୍ତ ହେବା ଉଚିତ ନୁହେଁ ।
- ସମସ୍ତ କ୍ରୁ-ସଦସ୍ୟମାନେ ସ୍କିପର ଏବଂ ସେମାନଙ୍କ ସହକର୍ମୀଙ୍କୁ ନିର୍ଦ୍ଦିଷ୍ଟ ପ୍ରକାରର ଔଷଧ (ଯଦି ଆବଶ୍ୟକ ଥାଏ) ଏବଂ ଅନ୍ୟାନ୍ୟ ଚିକିତ୍ସା ଆବଶ୍ୟକତା ବିଷୟରେ ଓ କୌଣସି ଆଲର୍ଜି ବିଷୟରେ ଅବଗତ କରାଇବା ଉଚିତ ।

# ସମୁଦ୍ରରେ ପଡିଯିବାରୁ ରକ୍ଷା ପାଇବା ପାଇଁ ସତର୍କତା

- ସମୁଦ୍ରରେ ପଡି ନଯିବା ପାଇଁ ସର୍ବଦା ସତର୍କ ରୁହନ୍ତୁ କାରଣ ଏହା ସମୁଦ୍ରରେ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇଥାଏ ।
- ଗତିରେ ପରିବର୍ତ୍ତନ ହେଲେ, କର୍ମଚାରୀମାନଙ୍କୁ ଚେତାବନୀ ଦିଅନ୍ତୁ, କାରଣ ଗତିର ହଠାତ ପରିବର୍ତ୍ତନ ସେମାନଙ୍କୁ ଅଜାଣତରେ ଧକ୍କା ଦେଇପାରେ ।
- ଖରାପ ପାଗରେ କ୍ରୁ ସଦସ୍ୟମାନଙ୍କୁ ଖସିନଯିବା କିମ୍ବା ଭାସିନଯିବା ପାଇଁ ଜାହାଜର ସିଡି ଏବଂ ଆକାର ଅନୁଯାୟୀ ଲାଇଫ୍ ଲାଇନ୍ ରଖାଯିବା ଉଚିତ । ୱାର୍କିଙ୍ଗ ଡ଼େକ୍ ଉପରେ ମାନବରକ୍ଷା ଦୌଡ଼ି ସହିତ ଲାଇଫ୍ ଲାଇନ୍ ଲଗାଯିବା ଉଚିତ ।
- ଯେତେବେଳେ ଡ଼େକ୍ କାର୍ଯ୍ୟ ଚାଲିଥାଏ ଯେଉଁଠାରେ ତଳେ ପଡ଼ିଯିବାର କିମ୍ବା ଖସିଯିବାର ଆଶଙ୍କା ଥାଏ, କିମ୍ବା ଯେତେବେଳେ ଖରାପ ପାଗରେ ଡ଼େକ୍ ରେ କାର୍ଯ୍ୟ କରାଯାଏ, ଏକ ସୁରକ୍ଷା ଲାଇନ୍ ସହିତ ଏକ ସୁରକ୍ଷା ହର୍ଣ୍ଣ ବ୍ୟବହାର କରାଯିବା ଉଚିତ । ସୁରକ୍ଷା ଲାଇନର ଲମ୍ବକୁ ସଜାଡି ରଖିବା ଉଚିତ ଯେପରି ତାହା ସମୁଦ୍ରରେ ପଡିନଯିବ । ଯଦି ସୁରକ୍ଷା ହର୍ଣ୍ଣ ଏବଂ ସୁରକ୍ଷା ଲାଇନ ବ୍ୟବହାର କରାଯାଇପାରିବ ନାହିଁ, ତେବେ ଏହା ବଦଳରେ ଏକ ଲାଇଫ୍ ଜ୍ୟାକେଟ୍ କିମ୍ବା ଏକ ସୁରକ୍ଷା କାର୍ଯ୍ୟ ପୋଷାକ ବ୍ୟବହାର କରନ୍ତୁ ।
- ଜାହାଜଟି ଚାଲୁଥିବାବେଳେ ଜାହାଜ ବାହାରର କାର୍ଯ୍ୟ ଯେତେବେଳେ ଆବଶ୍ୟକ ହୁଏ ସେତେବେଳେ କରାଯିବା ଉଚିତ । ଏହିପରି କାର୍ଯ୍ୟ କରିବା ପୂର୍ବରୁ ଆବଶ୍ୟକୀୟ ସୁରକ୍ଷା ସାବଧାନତା ଅବଲମ୍ବନ କରାଯିବା ଉଚିତ ।



# ଜୀବନ ରକ୍ଷାକାରୀ ଉପକରଣ

ଅନୁମୋଦିତ ଲାଇଫ୍ ଜ୍ୟାକେଟ୍ ପ୍ରତ୍ୟେକ କ୍ରୁ ସଦସ୍ୟଙ୍କ ପାଇଁ ଜାହାଜରେ ଉପଲବ୍ଧ ହେବା ଉଚିତ ।



ଡ଼େକ୍ ରେ  କାମ କରିବାବେଳେ ନିଜର ଲାଇଫ୍ ଜ୍ୟାକେଟ୍ ପିନ୍ଧନ୍ତୁ । ଲାଇଫ ଜ୍ୟାକେଟ୍ ସହିତ ପାଣିରେ ଆପଣଙ୍କର ବଞ୍ଚିବାର ସମ୍ଭାବନା ବହୁତ ଅଧିକ ଥାଏ ।



ଲାଇଫ୍ ଜ୍ୟାକେଟ୍ ସହଜରେ ଉପଲବ୍ଧ ହେବା ଉଚିତ ଏବଂ ସେଗୁଡିକର ସ୍ଥିତି ସ୍ପଷ୍ଟ ଭାବରେ ସୂଚିତ କରାଯିବା ଉଚିତ ।



ଜଣେ ବ୍ୟକ୍ତିଙ୍କୁ ସମୁଦ୍ରପାଣି ଭିତରକୁ  ଯିବା ପାଇଁ ଲାଇଫ ରିଙ୍ଗଗୁଡ଼ିକ ଜାହାଜରେ  ଉପଲବ୍ଧ ହେବା ଉଚିତ । ଏକ ସ୍ୱତଃ ଜଳୁଥିବା  ଆଲୋକ କିମ୍ବା ଏକ ଲାଇଫ୍ ଲାଇନ୍ ସହିତ ସଂଯୁକ୍ତ ହୋଇଥିବା ଏକ ଲାଇଫ୍ ରିଙ୍ଗ୍ ପ୍ରସ୍ତୁତ ରଖନ୍ତୁ ।


ଜରୁରୀକାଳୀନ ପରିସ୍ଥିତିରେ ଅନ୍ୟ ଜାହାଜ ଠାରୁ ସାହାଯ୍ୟ ଆବଶ୍ୟକ କଲାବେଳେ ଆପଣଙ୍କର ସ୍ଥିତି ସମ୍ପର୍କରେ ସୂଚନା ଜଣାଇବାପାଇଁ ଜାହାଜରେ ଫ୍ଲେଆର, ଧୂଆଁ ସଙ୍କେତ ଏବଂ ପାରାଚ୍ୟୁଟ୍ ଉପଲବ୍ଧ କରାଇବା ଉଚିତ ।


ଏକ ରାଡାର ପ୍ରତିଫଳକ ଦ୍ୱାରା ଯେ କୌଣସି ନିକଟତମ ଜାହାଜ ଆପଣଙ୍କ ଜାହାଜକୁ ତାଙ୍କ ରାଡାର ମାଧମରେ ଭଲ ଭାବରେ ଦେଖିପାରନ୍ତି । ଏହା ସେମାନଙ୍କୁ ଆପଣଙ୍କ ଜାଲ ଏବଂ ଲାଇନଗୁଡ଼ିକୁ ଏଡ଼ାଇବା ପାଇଁ ପର୍ଯ୍ୟାପ୍ତ ସମୟ ଦେବ କାରଣ ଏହା ମଧ୍ୟରେ ଅନ୍ୟ ଜାହାଜ ଚାଲିଲେ ତାହା ନଷ୍ଟ ହୋଇଯାଇପାରେ । ଜାହାଜ ଉପରେ ସ୍ଥିର ହୋଇଥିବା ଏକ ରାଡାର ପ୍ରତିଫଳକ ଉଦ୍ଧାର ଜାହାଜ ପାଇଁ ଏକ ଜରୁରୀକାଳୀନ ପରିସ୍ଥିତିରେ ଆପଣଙ୍କ ଜାହାଜକୁ ଖୋଜିବା ସହଜ କରିଥାଏ ।

# ବୁଡ ପକାଇ ମାଛ ଧରୁଥିବା ସମୟରେ ସୁରକ୍ଷା

କ୍ଷୁଦ୍ର-ମତ୍ସ୍ୟଜୀବୀମାନେ ଯେଉଁମାନେ ସ୍କୁବା କିମ୍ବା ଭୂପୃଷ୍ଠ-ଯୋଗାଣ ଡାଇଭିଙ୍ଗ୍ ଗିଅର୍ ବ୍ୟବହାର କରନ୍ତି, ସେମାନଙ୍କ ଡାଇଭିଂ କାର୍ଯ୍ୟକଳାପ ପାଇଁ ଆବଶ୍ୟକ ଉପକରଣ ଏବଂ ପ୍ରଣାଳୀ ବ୍ୟବହାରରେ ତାଲିମ ପ୍ରାପ୍ତ ହେବା ଆବଶ୍ୟକ ।

ସମସ୍ତ ଡାଇଭିଂ ଅପରେସନ୍ ପାଇଁ ସର୍ବନିମ୍ନ କ୍ରୁ-ଆବଶ୍ୟକତା ପାଳନ କରାଯିବା ଆବଶ୍ୟକ । ଜଣେ ଡାଇଭିଂ ସୁପରଭାଇଜର ନିଶ୍ଚିତ ଭାବରେ ଅନ-ସାଇଟ୍ ଏବଂ ନିୟନ୍ତ୍ରଣରେ ରହିବା ଆବଶ୍ୟକ ।

ଅନ୍ୟାନ୍ୟ ଆବଶ୍ୟକତା ନିମ୍ନ ଅନୁସାରେ:

1. ନିଯୁକ୍ତିଦାତା ନିଶ୍ଚିତ କରିବାକୁ ପଡିବ ଯେ ସମସ୍ତ ଡାଇଭରମାନେ ପର୍ଯ୍ୟାପ୍ତ ତାଲିମ ସମାପ୍ତ କରିଛନ୍ତି ଏବଂ ଡାଇଭିଙ୍ଗ୍ ଗିୟର କିପରି ବ୍ୟବହାର କରିବେ ତାହା ଜାଣନ୍ତି ।
2. ଯେତେବେଳେ ବୁଡ ପକାଇବା କାର୍ଯ୍ୟ ଚାଲିଛି, ଆବଶ୍ୟକ ସ୍ଥଳେ ଜରୁରୀକାଳୀନ ସହାୟତା ଦେବା ପାଇଁ ଅନ୍ୟ ଏକ ସହାୟକ ଷ୍ଟାଣ୍ଡବାଇ ଡାଇଭର ସବୁବେଳେ ଡାଇଭ୍ ସାଇଟରେ ରହିବା ଆବଶ୍ୟକ । ଷ୍ଟାଣ୍ଡବାଇ ଡାଇଭର ଏକ ମିନିଟ୍ ମଧ୍ୟରେ ପାଣି ଭିତରକୁ ପ୍ରବେଶ କରିବାକୁ ସମର୍ଥ ହେବା ଜରୁରୀ ।
3. ଡାଇଭର୍ କାର୍ଯ୍ୟପାଇଁ ବ୍ୟବହୃତ ପ୍ରତ୍ୟେକ ଜାହାଜରେ ଜରୁରୀକାଳୀନ ସେବା ସହିତ ଭଏସ୍ ଯୋଗାଯୋଗ କରିବାକୁ ଅନୁମତି ଦେବା ପାଇଁ ଏକ ରେଡିଓ କିମ୍ବା ଫୋନ୍ ରହିବା ଆବଶ୍ୟକ ।
4. ଡାଇଭ୍ ଜାହାଜରେ ସମସ୍ତ ଆବଶ୍ୟକୀୟ ପ୍ରାଥମିକ ସହାୟତା ଉପକରଣ ରହିବା ଆବଶ୍ୟକ, ଯେଉଁଥିରେ ଏକ ଅମ୍ଳଜାନ ଥେରାପି ୟୁନିଟ୍ ମଧ୍ୟ ଅନ୍ତର୍ଭୁକ୍ତ କରାଯିବା ଉଚିତ । ପ୍ରତ୍ୟେକ ଡାଇଭର ନିଶ୍ଚିତ ଭାବରେ କୃତ୍ରିମ ଶ୍ୱାସକ୍ରିୟା (CPR) ଏବଂ ଅମ୍ଳଜାନ ଚିକିତ୍ସାରେ ଯୋଗ୍ୟ ହେବା ଆବଶ୍ୟକ ।
5. ଉଭୟ ଡାଇଭିଂ ସୁପରଭାଇଜର ଏବଂ ଡାଇଭର ଅଲଗା ଡାଇଭିଂ ଲଗ୍ ରଖିବା ଜରୁରୀ । ଲଗଟି ଯନ୍ତ୍ରର ପ୍ରକାର ଏବଂ ଗ୍ୟାସ୍ ମାଧ୍ୟମ, ସମୟ, ସର୍ବାଧିକ ଗଭୀରତା, ଭୂପୃଷ୍ଠ ବ୍ୟବଧାନ, ବ୍ୟବହୃତ ଡିକମ୍ପ୍ରେସନ ଟେବୁଲ୍, ତାରିଖ, ଏବଂ ଟିପ୍ପଣୀ ଅନ୍ତର୍ଭୁକ୍ତ କରିବା ଜରୁରୀ । ଡାଇଭ୍ ହେବାପରେ ଡାଇଭିଂ ସୁପରଭାଇଜର ଲଗ୍ ନିଶ୍ଚିତ ଭାବରେ ନିଯୁକ୍ତିଦାତା ଦ୍ୱାରା ଲେଖାଯିବା ଆବଶ୍ୟକ ।
6. ଡାଇଭିଙ୍ଗ୍ କାର୍ଯ୍ୟରେ ନିୟୋଜିତ ଜାହାଜଗୁଡ଼ିକ ନିଶ୍ଚିତ ଭାବରେ ଆନ୍ତର୍ଜାତୀୟ କୋଡ୍ "ଆଲଫା" ପ୍ରଦର୍ଶନ କିମ୍ବା ଉଡ଼ାଇବା ଆବଶ୍ୟକ । ଡାଇଭିଂ କାର୍ଯ୍ୟକ୍ରମ ଚାଲିଥିବାବେଳେ କେବଳ ଏହି ପତାକା ପ୍ରଦର୍ଶନ କରନ୍ତୁ ଏବଂ ସମସ୍ତ ବୁଡାଳି ପାଣିରୁ ବାହାରିବାପରେ ଏହି ପତାକା କାଢ଼ି ଦିଅନ୍ତୁ ।



7. ପ୍ରତ୍ୟେକ ଡାଇଭ୍ ଜାହାଜରେ ସ୍ଥାନ, ଏକ ଅପ-ଟୁ-ଡେଟ୍ ତାଲିକା ଏବଂ ନିକଟସ୍ଥ ସୁବିଧାଗୁଡ଼ିକର ଟେଲିଫୋନ୍ ନମ୍ବର ରହିବା ଜରୁରୀ । ଜରୁରୀକାଳୀନ ସେବା ପାଇଁ ପୁନଃସମାଧାନ ପ୍ରକୋଷ୍ଠ ଯେପରିକି ତଟରକ୍ଷୀ ବାହିନୀ, ମେଡିକାଲ୍ ଏୟାରଲାଇନ୍ସ, ନୌସେନା ଏବଂ ଡାକ୍ତର ଓ ଦକ୍ଷ ଡାଇଭିଂ ଔଷଧ ବିଜ୍ଞାନୀ ରହିବା ଉଚିତ ।
8. ୪୦ ବର୍ଷରୁ ଅଧିକ ବୟସର ଡାଇଭରମାନେ ପ୍ରତିବର୍ଷ ଅନ୍ତତପକ୍ଷେ ଥରେ ଡାଇଭିଂ ଔଷଧ ବିଜ୍ଞାନୀ ଏବଂ ଦକ୍ଷ ଡାକ୍ତରଙ୍କ ଦ୍ୱାରା ନିଜର ପରୀକ୍ଷା କରାଇନେବା ଆବଶ୍ୟକ । ୪୦ ବର୍ଷରୁ କମ୍ ଡାଇଭରମାନଙ୍କୁ ପ୍ରତି ଦୁଇ ବର୍ଷରେ ପରୀକ୍ଷା କରାଯିବା ଜରୁରୀ । ପ୍ରତ୍ୟେକ ଡ଼ାଇଭ୍ ରେ, ଡାଇଭରମାନେ ଅତି କମରେ ୨୪ ଘଣ୍ଟା ପାଇଁ ଏକ ମେଡିକାଲ୍ ଆଲର୍ଟ ଟ୍ୟାଗ୍ ପିନ୍ଧିବା ଜରୁରୀ । ଏହି ଟ୍ୟାଗଗୁଡ଼ିକ ଦର୍ଶାଇବ ଯେ ବୁଡାଳି ଡିକମ୍ପ୍ରେସନ ଭଳି ଡାଇଭିଙ୍ଗ୍ ରୋଗରେ ଆକ୍ରାନ୍ତ ହୋଇପାରନ୍ତି ।
9. ଏକ ସିଡ଼ି ପାଣିରେ ଯଥେଷ୍ଟ ଭାବରେ ବିସ୍ତାର ହେବା ଉଚିତ ଯାହା ଦ୍ୱାରା ଜଣେ ଡାଇଭର ସହଜରେ ଡଙ୍ଗା ଉପରକୁ ଉଠିଆସି ପାରିବେ ।

10. ସାବଧାନ ରୁହନ୍ତୁ ଯେପରି ଆପଣ ଭୂପୃଷ୍ଠକୁ ଅଧିକ ଶୀଘ୍ର ଉଠନ୍ତି ନାହିଁ, କାହିଁକି ନା ଏହା ଡିକମ୍ପ୍ରେସନ ରୋଗର କାରଣ ହୋଇପାରେ ।

11. ପ୍ରତ୍ୟେକ ଡ଼ାଇଭର୍ ନିଶ୍ଚିତ ଭାବରେ ଜଣେ ବନ୍ଧୁ ଡାଇଭର୍ ସହିତ କିମ୍ବା ଭୂପୃଷ୍ଠ ସହିତ ଲାଇଫ୍ ଲାଇନ୍, ଫ୍ଲୋଟ୍ କିମ୍ବା ଭଏସ୍ କମ୍ୟୁନିକେସନ୍ ମାଧ୍ୟମରେ ଯୋଗାଯୋଗରେ ରହିବା ଆବଶ୍ୟକ ।

12. ଡ଼ାଇଭର୍ ମାନେ ଯୋଜନା ଅନୁସାରେ ସ୍ଥିର ହୋଇଥିବା ସର୍ବାଧିକ ସମୟ ଠାରୁ ଅଧିକ ଯେ କୌଣସି ଗଭୀରତାରେ ରହିବା ଉଚିତ ନୁହେଁ ।

13. ସ୍କୁବା ଡ଼ାଇଭର୍ ମାନେ ୪୦ ମିଟର (୧୩୦ ଫୁଟ) ରୁ ଅଧିକ ଗଭୀରକୁ ବୁଡ଼ିବା ଉଚିତ ନୁହେଁ ।

14. ସ୍କୁବା ସିଲିଣ୍ଡରଗୁଡିକୁ ପ୍ରତିବର୍ଷ ଆଭ୍ୟନ୍ତରୀଣ ଭାବରେ ଦେଖି ଯାଞ୍ଚ କରାଇନେବା ଆବଶ୍ୟକ । ପ୍ରତି ପାଞ୍ଚ ବର୍ଷରେ ସିଲିଣ୍ଡରଗୁଡିକର ହାଇଡ୍ରୋଷ୍ଟାଟିକଲ ପରୀକ୍ଷା କରାଯିବା ଆବଶ୍ୟକ ।

15. ସ୍କୁବା ଡ଼ାଇଭର୍ ମାନେ ଡାଇଭିଂ ସୁପରଭାଇଜରଙ୍କ ଦ୍ୱାରା ଅନୁମୋଦିତ ନିର୍ଦ୍ଦିଷ୍ଟ ଯନ୍ତ୍ରପାତି ନିହାତି ଭାବରେ ବ୍ୟବହାର କରିବା ଜରୁରୀ:

- ଶୀଘ୍ର ଛାଡ଼ି ହେଉଥିବା ସାଜ ଏବଂ ଏକ ପ୍ରେସର ଗେଜ୍ ସହିତ ସ୍କୁବା ୟୁନିଟ୍ ।
- ଫେସ୍ ମାସ୍କ ଏବଂ ସ୍ନୋର୍କେଲ (ବୁଡ଼ି ପହଁରିବା ପାଇଁ ଶ୍ୱାସନଳୀ) ।
- ସନ୍ତରଣ ଫିନ୍ ଏବଂ / କିମ୍ବା ବୁଟ୍ ।
- ୱେଟସୁଟ୍ କିମ୍ବା ଶୁଖିଲା ସୁଟ୍ ।
- ଗ୍ଲୋଭସ୍ ।
- ବୁଡାଳି ଛୁରୀ ।
- ଗଭୀରତା ଓ ଜଳମଗ୍ନ ଚାପ ମାପକ ଯନ୍ତ୍ର ଏବଂ କମ୍ପାସ୍ ।
- ବୁଏନ୍ସି କଣ୍ଟ୍ରୋଲ୍ ଡିଭାଇସ୍ - ବି ସି ଡି ।
- ଦୁଇଟି ମାଉଥ ପିସ ସହିତ ଏୟାର ସିଲିଣ୍ଡର (ସ୍କୁବା ଟ୍ୟାଙ୍କ) ଏବଂ ନିୟନ୍ତ୍ରକ ।
- ଏକ ଅତୀତର ସମୟ ସୂଚକ ଅଣ୍ଡର ୱାଟର ୱାଚ୍ କିମ୍ବା ଡାଇଭ୍ କମ୍ପ୍ୟୁଟର ।
- ଶୀଘ୍ର ରିଲିଜ୍ ବକଲ ସହିତ ଓଜନ ବେଲ୍ଟ ।
- ଅଣ୍ଡର ୱାଟର ଫ୍ଲାସ୍ ଲାଇଟ୍ ।
- ସର୍ଫେସ୍ ମାର୍କର ସିଗ୍ନାଲ୍ / ବୁଏ (ଏସ ଏମ ବି) କିଟ୍ ।



16. ସୁରକ୍ଷିତ ଡାଇଭିଂ ନିଶ୍ଚିତ କରିବାକୁ ସର୍ଫେସ୍-ଯୋଗାଣକାରୀ ଡ଼ାଇଭର୍ ମାନେ ସେମାନଙ୍କର ଗଭୀରତା ଏବଂ ସମୟ ସୀମା ଜାଣିବା ଜରୁରୀ ।

17. ସର୍ଫେସ୍-ଯୋଗାଣକାରୀ ଡ଼ାଇଭର୍ ମାନଙ୍କର ଏକ ଡାଇଭର ଟେଣ୍ଡର ରହିବା ଜରୁରୀ ।

18. ପ୍ରତ୍ୟେକ ଡ଼ାଇଭର୍ ର ଏୟାର ଲାଇନ୍ ରେ ଏକ ଚାପ ମାପକ ଯନ୍ତ୍ର ଏବଂ ଏକ ଅଲଗା ଭାଲଭ୍ ରହିବା ଜରୁରୀ । ଗେଜ୍ ଭାଲଭ୍ ଠାରୁ ତଳକୁ ହେବା ଜରୁରୀ ।

19. ଯୋଗାଣ ହୋସ୍ କିମ୍ବା ହେଲମେଟ ଉପରେ ଅଯଥା ଚାପକୁ ରୋକିବା ପାଇଁ ସର୍ଫେସ୍-ଯୋଗାଣ ହୋସ୍ ଲାଇଫ୍ ଲାଇନ୍ ରେ ରହିବା ଆବଶ୍ୟକ । ଲାଇଫ୍ ଲାଇନ୍ ଗୁଡିକ ୧୬ ମିଲିମିଟର ବ୍ୟାସ ବିଶିଷ୍ଟ ହେବା ଆବଶ୍ୟକ, ପଲିପ୍ରୋପିଲିନ କିମ୍ବା ଏକ ସମାନ ସିନ୍ଥେଟିକ୍ ଫାଇବରରେ ନିର୍ମିତ । ଡାଇଭର୍ ମାନେ ନିଶ୍ଚିତ ଭାବରେ ଭୂପୃଷ୍ଠ ଯୋଗାଣକାରୀ ଡାଇଭିଂ ପାଇଁ ଉପଯୁକ୍ତ ହୋସ୍ ବ୍ୟବହାର କରିବା ଆବଶ୍ୟକ ।

# ସ୍ଥିରତା



# ସ୍ଥିରତା



ଯଦି ୱାଟର୍-ଟାଇଟ୍ କବାଟ ଗୁଡିକ ପ୍ରକୃତରେ ବ୍ୟବହାର ହେଉନାହିଁ ସମସ୍ତ କବାଟଗୁଡିକୁ ବନ୍ଦ ରଖନ୍ତୁ ।

ବଶେଷ କରି ଯେତେବେଳେ ଖରାପ ପାଗର ପୂର୍ବାନୁମାନ କରାଯାଏ ନିଶ୍ଚିତ କରନ୍ତୁ ଯେ ଏହି ୱାଟର୍-ଟାଇଟ୍ କବାଟ ଗୁଡିକ ସୁରକ୍ଷିତ ଭାବରେ ବନ୍ଦ ଅଛି ।



ଡ଼େକ୍ ରୁ ନିଷ୍କାସିତ ହେବାକୁ ଥିବା ଜଳର ମାର୍ଗ ଅବରୋଧିତ ହେବା ଦ୍ୱାରା ଜାହାଜର ସ୍ଥିରତା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି ହୋଇଥାଏ ।



ନିଶ୍ଚିତ କରନ୍ତୁ ଯେ ପାଗ ଖରାପ ହୋଇଥିବା ସମୟରେ ଉପରେ ଅଟକିଥିବା ଜଳକୁ ନିଷ୍କାସିତ ହେବାପାଇଁ ସମସ୍ତ ମାର୍ଗ ଖୋଲା ଅଛି ।




ନିଶ୍ଚିତ କରନ୍ତୁ ଯେ ଜାହାଜ ଟି ଅତ୍ୟଧିକ ଲୋଡ୍ ହୋଇନାହିଁ । ଭାରୀ ଓଜନକୁ ଯଥାସମ୍ଭବ କମ୍ ରଖିବାର ଅଭ୍ୟାସ ବଜାୟ ରଖନ୍ତୁ । ଏହା ଜାହାଜର ସ୍ଥିରତାରେ ଉନ୍ନତି ଆଣିଥାଏ ଏବଂ ଏହା ଜାହାଜ ଓଲଟିଯିବାର ସମ୍ଭାବନାକୁ କମ କରିଥାଏ ।




ଜାହାଜର ଲମ୍ବ କୁ, ହୁଇଲ ହାଉସ୍ ଢାଞ୍ଚାରେ ପରିବର୍ତ୍ତନ କରିବା ଏବଂ ଟ୍ୟାଙ୍କ୍ ଡିଜାଇନ୍ ଭଳି ମାତ୍ରାଧିକ ବଡ଼ ପରିବର୍ତ୍ତନ କରନ୍ତୁ ନାହିଁ । ଏଗୁଡ଼ିକ ଜାହାଜର ସ୍ଥିରତାକୁ ହ୍ରାସ କରିଥାଏ ।





ସମସ୍ତ ଡଗ (କବାଟ ହ୍ୟାଣ୍ଡେଲ) କୁ ନିୟମିତ ଯାଞ୍ଚ କରନ୍ତୁ ଏବଂ ଗ୍ରୀଜ ଦିଅନ୍ତୁ ।

ନିଶ୍ଚିତ କରନ୍ତୁ ଯେ ସମସ୍ତ ବଲ୍କହେଡ୍ ୱାଟର୍-ଟାଇଟ୍ ଅଟେ ।



# ମାଛ ମିଳୁଥିବା ଅଞ୍ଚଳ ଓ ବନ୍ଦରକୁ ଯିବା ଆସିବା ବାଟ

## ଜାହାଜର ସ୍ଥାୟୀତ୍ୱ ବଜାୟ ରଖିବା

- ଜାହାଜ ନିର୍ମାଣକାରୀଙ୍କ ପ୍ରଦତ୍ତ ସ୍ଥିରତା ପୁସ୍ତକରେ ଥିବା ସୁପାରିଶ ମୁତାବକ ଜାହାଜକୁ ଲୋଡ୍ କରନ୍ତୁ । ଜାହାଜ କୁ କେବେବି ଓଭରଲୋଡ୍ କରନ୍ତୁ ନାହିଁ । ଜାହାଜ ମାଲିକମାନେ ନିଶ୍ଚିତ କରିବାକୁ ପଡିବ ଯେ ସମୁଦ୍ରରେ ଅଧିକ ସମୟ ରହିବା ପାଇଁ ଆବଶ୍ୟକଥିବା ଇନ୍ଧନ, ବରଫ ଏବଂ ଅନ୍ୟାନ୍ୟ ଦ୍ରବ୍ୟରେ ଜାହାଜଟି ଅଧିକ ଲୋଡ୍ ହୋଇନାହିଁ ।
- ଜାହାଜର କ୍ଷମତା ସୀମା ଅନୁଯାୟୀ ମତ୍ସ୍ୟ ଯାତ୍ରାକୁ ଗଣନା ଏବଂ ଯୋଜନା କରାଯିବା ଉଚିତ । ଡ୍ରାଫ୍ଟ ମାର୍କ ଏବଂ ଲୋଡ୍ ଲାଇନ୍ ମାର୍କ ହେଉଛି ଡଙ୍ଗାଟି ଅତ୍ୟଧିକ ଲୋଡ୍ ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବାର ଉତ୍କୃଷ୍ଟ ମାଧ୍ୟମ ।
- ଡେକ୍ ଉପରେ କିମ୍ବା ହ୍ୟାଚ୍ ରେ ମାଛର ଅଳିଆ ଛାଡନ୍ତୁ ନାହିଁ । ମାଛ ଗୁଡିକ ମୁକ୍ତ ଭାବରେ ଇଆଡେ ସିଆଡେ ଗତି କରିବା ଦ୍ୱାରା ଡଙ୍ଗାର ସ୍ଥିରତା କମ୍ ହୋଇଥାଏ । ସଠିକ୍ ଅପସାରଣ ଯୋଗ୍ୟ ସେପାରେସନ ବୋର୍ଡ ମାଛର ଭାରକୁ ସ୍ଥିର ରଖିବାରେ ସାହାଯ୍ୟ କରିଥାଏ ।
- ପୁଲି ଦ୍ୱାରା ଗାଲିଶି ଜାଲ ଟାଣିବାବେଳେ ସ୍ଥିରତାର ଯଥେଷ୍ଟ ଯତ୍ନ ନିଅନ୍ତୁ । ଜାଲରେ ଏକ ଭାରୀ ମାଛଭାର ଜାହାଜର ସ୍ଥିରତାକୁ ବହୁ ପରିମାଣରେ ହ୍ରାସ କରିଥାଏ ।
- ବହୁ ଦିନର ମତ୍ସ୍ୟଯାତ୍ରା କରୁଥିବା ଜାହାଜ ଗୁଡିକ ସେମାନଙ୍କର ଶୁଖିଲା ମାଛକୁ ହୁଇଲ ହାଉସ୍ ଉପରେ ବହୁଳ ଭାବରେ ଗଦା କରିରଖନ୍ତି । ଏହା କରିବା ଉଚିତ ନୁହେଁ କାରଣ ଜାହାଜର ସ୍ଥିରତା ଯଥେଷ୍ଟ ହ୍ରାସ ପାଇବ ।
- ଯେତେବେଳେ ସମ୍ଭବ, ଟ୍ୟାଙ୍କଗୁଡ଼ିକୁ ଅଧା ଭରିବାକୁ ଦିଅନ୍ତୁ ନାହିଁ କାରଣ ଖାଲି ଭାଗର ପ୍ରଭାବ ଜାହାଜର ସ୍ଥିରତା ହ୍ରାସ କରେ । ଟ୍ୟାଙ୍କଗୁଡିକ ବିଶେଷ ଭାବରେ ପୂର୍ଣ୍ଣ କିମ୍ବା ସମ୍ପୂର୍ଣ୍ଣ ଖାଲି ହେବା ଉଚିତ ।
- ଜାହାଜର ସର୍ବଦା ଏକ ଭଲ ସ୍ଥିରତା ବଜାୟ ରହିବା ଦରକାର ।
- ଜାହାଜର ବିଭିନ୍ନ ଅଞ୍ଚଳରେ ଜମା ହେଉଥିବା ପାଣିକୁ ନିୟମିତ ଭାବରେ ବାହାର କରିବା ଉଚିତ ଏବଂ ନିଶ୍ଚିତ କରନ୍ତୁ ଯେ ସେହି ସ୍ଥାନ ଗୁଡ଼ିକ ଖାଲି ଅଛି ।

### ଆପଣ ବିପଦରେ ଅଛନ୍ତି ଯଦି .....

**ଆପଣଙ୍କର ଜାହାଜ କେମିତି ହଲୁଚି (ରୋଲିଂ) ସେ ଉପରେ ନିରନ୍ତର ଧ୍ୟାନ ଦେବା ଉଚିତ । ଯଦି ଜାହାଜଟିର ହଲିବାକୁ (ଏକ ରୋଲ ସଂପୂର୍ଣ୍ଣ କରିବାକୁ) ଅଧିକ ସମୟ ଲାଗେ, ତେବେ ଆପଣଙ୍କର ସ୍ଥିରତା ହ୍ରାସ ପାଉଛି ଏବଂ ଆପଣ ବିପଦରେ ଅଛନ୍ତି । ରୋଲ ର ଶେଷକୁ ଦେଖନ୍ତୁ । ଯଦି ଜାହାଜଟି ତୁରନ୍ତ ସଠିକ୍ ପୋଜିସନ୍ କୁ ଫେରେ ନାହିଁ ତେବେ ଆପଣ ପ୍ରକୃତ ବିପଦରେ ଅଛନ୍ତି ।**

ଅଧ୍ୟାୟ ୪

# ସମୁଦ୍ରରେ ବଞ୍ଚିରହିବା



# ଇଞ୍ଜିନ୍ ବିଫଳତା କ୍ଷେତ୍ରରେ କିପରି କାର୍ଯ୍ୟ କରିବେ

ଏକ ଇଞ୍ଜିନ ବିଫଳତା କ୍ଷେତ୍ରରେ ଆପଣ ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରିବେ ଜାଣିବା ଉଚିତ । ନିମ୍ନଲିଖିତ ବିଷୟଗୁଡ଼ିକ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାରେ ସାହାଯ୍ୟ କରିବ ।

- ଆପଣଙ୍କର ସଠିକ୍ ସ୍ଥିତି ଖୋଜନ୍ତୁ ଏବଂ ସାହାଯ୍ୟର ଆବଶ୍ୟକତା ବିଷୟରେ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ଜାହାଜକୁ ଜଣାନ୍ତୁ । ନିଶ୍ଚିତ କରନ୍ତୁ ଯେ ସେମାନଙ୍କୁ ଆପଣଙ୍କର ସଠିକ୍ ସ୍ଥିତି ବିଷୟରେ ଜଣାଇଛନ୍ତି ।
- ଏକ ଚାର୍ଟରେ ନିଜର ପୋଜିସନ ପ୍ଲଟ୍ କରନ୍ତୁ ଏବଂ ଜାହାଜ କେତେଦୂର ଭାସୁଚି ତାହା ଦେଖନ୍ତୁ । ଯଦି ଆପଣ ଦୂରେଇ ଯାଉଛନ୍ତି, ତେବେ ମାଛ ଜାଲକୁ ଦଉଡି ପରି କରି ଗୋଟିଏ ପଟେ ଲଂଗରକୁ ବାନ୍ଧି ସମୁଦ୍ରରେ ପକାଇ ଦିଅନ୍ତୁ । ଏହା ଆପଣଙ୍କୁ ଦୂରେଇଯିବା କମ୍ କରିବାକୁ ଏବଂ ଆପଣଙ୍କର ପ୍ରାରମ୍ଭିକ ସ୍ଥିତିକୁ ନିକଟତର ରଖିବାରେ ସାହାଯ୍ୟ କରିବ ।
- ଯଦି ସମୁଦ୍ର ଲଙ୍ଗର ଜାହାଜରେ ଅଛି ତେବେ ପକାନ୍ତୁ ।
- ଯଦି ମରାମତି ଠିକ ହୋଇ ପାରିବାଯୋଗ୍ୟ ତେବେ ପାଖରେ ଥିବା ଅତିରିକ୍ତ ଯନ୍ତ୍ରାଂଶ ବ୍ୟବହାର କରି ଇଞ୍ଜିନକୁ ମରାମତି କରିବାକୁ ଚେଷ୍ଟା କରନ୍ତୁ ।

ନିମ୍ନ ସୂଚନା ମାଧ୍ୟମରେ ଆପଣ ଏକ ବିପଦ ସତର୍କ ସୂଚନା ଦେଇପାରିବେ:

- VHF channel 16 for voice or channel 70 for DSC;
- MF/HF on the frequencies 2 187.5 kHz, 8 414.5 kHz, 4 207.5 kHz, 6 312 kHz, 12 577 kHz or 16 804.5 kHz



- ଯଦି ମରାମତି ଆପଣଙ୍କ ନିୟନ୍ତ୍ରଣ ବାହାରେ ତେବେ ଆପଣଙ୍କୁ ସାହାଯ୍ୟ କରିପାରିବା ଭଳି ଆଖପାଖରେ କିମ୍ବା ନିକଟବର୍ତ୍ତୀ ଅନ୍ୟ ଜାହାଜଗୁଡିକ ପାଇଁ ସନ୍ଧାନ କରନ୍ତୁ ।
- ଆପଣଙ୍କର ବ୍ୟାଟେରୀ ଶକ୍ତି ବଞ୍ଚାଇବା ପାଇଁ ରେଡିଓର ବ୍ୟବହାରକୁ କମ୍ କରନ୍ତୁ ।
- ଦିନକୁ ଅତି କମରେ ଦୁଇଥର ଆପଣଙ୍କ ସ୍ଥିତି ବିଷୟରେ ସ୍ଥାନୀୟ ପ୍ରାଧିକରଣକୁ ଜଣାନ୍ତୁ ।
- ଜାହାଜର ସ୍କିପର ତାଙ୍କ ନିୟନ୍ତ୍ରଣରେ କର୍ମଚାରୀଙ୍କୁ ଦୃଢ ଭାବରେ ରଖିବା ଉଚିତ ଏବଂ ଭୟଭୀତ ହେବା ଉଚିତ ନୁହେଁ ।
- ଡଙ୍ଗାକୁ ଭାସିବାକୁ ଦିଅନ୍ତୁ, ଯଦି ଭୁଭାଗ ଆଡକୁ ଭାସୁଥାଏ ତେବେ ସୁବିଧାଥିଲେ ଆହୁଲା ବ୍ୟବହାର କରନ୍ତୁ ।
- ଆପଣଙ୍କର ଖାଦ୍ୟସାମଗ୍ରୀ ଏବଂ ପାନୀୟ ଜଳର ବ୍ୟବସ୍ଥା, ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ସମୁଦ୍ରରେ ବଞ୍ଚିବାକୁ ସକ୍ଷମ କରେ ।
- ଜାହାଜର ରକ୍ଷଣାବେକ୍ଷଣ ଏବଂ ଅନ୍ୟାନ୍ୟ କଠିନ ପରିଶ୍ରମ ପରି ଦୈନନ୍ଦିନ କାର୍ଯ୍ୟ ପାଇଁ କ୍ରୁ-ସଦସ୍ୟମାନଙ୍କୁ ନିୟୋଜିତ କରନ୍ତୁ ନାହିଁ ଯାହା ଦ୍ୱାରା ସେମାନେ ନିଜ ଶରୀରର ଶକ୍ତି ସଞ୍ଚୟ କରି ରଖିପାରିବେ ।
- ଉପଯୁକ୍ତ ୱାଚ୍ ଡ୍ୟୁଟି ରଖନ୍ତୁ ଯାହା ଆପଣଙ୍କୁ ପାଖଦେଇ ଯାଉଥିବା ଏକ ଜାହାଜ ଖୋଜି ବାହାର କରିବା ପାଇଁ ସାହାଯ୍ୟ କରିପାରିବ ।
- ଯଦି VHF ରେଡିଓ ଜାହାଜରେ ଉପଲବ୍ଧ ତେବେ ଅନ୍ୟ ଜାହାଜମାନଙ୍କର ଧ୍ୟାନ ଆକର୍ଷଣ ପାଇଁ ଚ୍ୟାନେଲ-୧୬ ରେ SOS କିମ୍ବା MAY DAY ସଙ୍କେତ ପଠାନ୍ତୁ ।
- ଯଦି ଆପଣ ଆଖପାଖରେ ଏକ ଡଙ୍ଗା ଦେଖନ୍ତି ତେବେ ନିମ୍ନପ୍ରଦତ୍ତ ଚିତ୍ରକୁ କାର୍ଯ୍ୟକାରୀ କରି ତାହାର ଧ୍ୟାନ ଆକର୍ଷଣ କରିବାକୁ ଚେଷ୍ଟା କରନ୍ତୁ:

ଧୀରେ ଧୀରେ ଏବଂ ବାରମ୍ବାର ହ୍ୱିଲ ହାଉସ୍ ଉପରି ଭାଗରେ କିମ୍ବା ଅନ୍ୟ ଏକ ଦୃଶ୍ୟମାନ ସ୍ଥାନରେ ଠିଆହେଇ ବାହୁକୁ ଉଭୟ ପାର୍ଶ୍ୱରେ ବିସ୍ତାରିତ କରି ଉପରକୁ ଉଠାନ୍ତୁ ଏବଂ ତଳକୁ କରନ୍ତୁ ।




ଏକ ବାଲ୍ଟିରେ ତେଲ ଦ୍ୱାରା ଭିଜା ଯାଇଥିବା କପଡାକୁ ଜାଳେଣି କରି ଧୂଆଁ
ଏବଂ ନିଆଁ ତିଆରି କରି ଏକ ଦଉଡିର ଶେଷରେ ଜାହାଜଠାରୁ କିଛି ଦୂରରେ ଭସେଇଦିଅନ୍ତୁ ଯାହା ଦ୍ୱାରା ଉଦ୍ଧାରକାରୀ ଜାହାଜ ଆପଣଙ୍କ ଅବସ୍ଥିତି ଦେଖିପାରିବ ।


ଏକ ଦର୍ପଣ କିମ୍ବା ଅନ୍ୟ କୌଣସି ପ୍ରତିଫଳକ ବସ୍ତୁ ବ୍ୟବହାରକରି ନିକଟସ୍ଥ ଜାହାଜର ଧ୍ୟାନଆକର୍ଷଣ କରିବାପାଇଁ କ୍ରମାଗତ ଭାବରେ ସୂର୍ଯ୍ୟ କିରଣ ପ୍ରତିଫଳିତ କରାନ୍ତୁ ।


ଯାଉଥିବା ଡଙ୍ଗାର ଧ୍ୟାନ ଆକର୍ଷଣ କରିବାକୁ ସମସ୍ତେ ମିଶି ଚିତ୍କାର କରନ୍ତୁ ।


ହୁଇଲ ହାଉସ୍ ଉପରେ କିମ୍ବା ସବୁଠାରୁ ଦୃଶ୍ୟମାନ ସ୍ଥାନରେ ଏକ ଉଜ୍ଜ୍ୱଳ ରଙ୍ଗର କାନଭାସ୍ ଟାଙ୍ଗନ୍ତୁ ।


ଏକ ବର୍ଗାକାର ପତାକା କିମ୍ବା କପଡା ଟାଙ୍ଗନ୍ତୁ ଏବଂ ଏହା ତଳେ ଏକ ବଲ୍ କିମ୍ବା ବଲ୍ ପରି କିଛି ଲଗାନ୍ତୁ ।


ଯଦି ଉପଲବ୍ଧ ଥାଏ ତେବେ ଲାଲ ରଙ୍ଗ ଅଗ୍ନି ପିଣ୍ଡୁଳା ଛାଡନ୍ତୁ ।


ଜାହାଜର ମାସ୍ତୁଲରେ "ନଭେମ୍ବର" ପତାକା
ସହିତ "ଚାର୍ଲି" ପତାକା ଟାଙ୍ଗନ୍ତୁ ।


ଯଦି କୌଣସି ଡଙ୍ଗାକୁ ନିକଟରେ
ଦେଖୁଛନ୍ତି କ୍ରମାଗତ ଭାବରେ
ହ୍ୱିସିଲ ବଜାନ୍ତୁ ।


କମଳା ରଙ୍ଗର ଧୂଆଁ ବ୍ୟବହାର କରି ସଙ୍କେତ ଦିଅନ୍ତୁ ।


ଆପଣଙ୍କର ମଶାଲ କିମ୍ବା ଫ୍ଲାସ ଲାଇଟକୁ ସିଧାସଳଖ ଆସୁଥିବା ଡଙ୍ଗାର ହୁଇଲ ହାଉସ୍ ଫ୍ଲାସ କରନ୍ତୁ । Morse କୋଡ୍ ରେ ● ● ● – – – ● ● ● (SOS) ଗ୍ରୁପ କୁ ନେଇ ଏକ ସଙ୍କେତ ବ୍ୟବହାର କରନ୍ତୁ ।

- କର୍ମଚାରୀମାନଙ୍କୁ କୌଣସି ସମୟରେ ସମୁଦ୍ର ଜଳ ପିଇବାକୁ ଦିଅନ୍ତୁ ନାହିଁ ।
- ସମୁଦ୍ର ପବନ ଏବଂ ସମୁଦ୍ର ଜଳକୁ ପ୍ରବେଶ କରନ୍ତୁ ନାହିଁ ।
- ମଦ୍ୟପାନ କିମ୍ବା ପକ୍ଷୀମାନଙ୍କର ରକ୍ତ ପିଅନ୍ତୁ ନାହିଁ ।
- ପ୍ରୋଟିନ୍ ଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ । ଏହା ଆପଣଙ୍କ ଶରୀରକୁ ଜଳଶୂନ୍ୟ କରିବ । କେବଳ କାର୍ବୋହାଇଡ୍ରେଟ୍ ଏବଂ ଗ୍ଲୁକୋଜ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ।
- ମନେରଖନ୍ତୁ ଯେ ନାତିଶୀତୋଷ୍ଣ ଅଞ୍ଚଳରେ ଜଣେ ବ୍ୟକ୍ତି ବଞ୍ଚିବା ପାଇଁ ଦିନକୁ ଏକ ଲିଟର ମଧୁର ଜଳ ଯଥେଷ୍ଟ ।
- ପରିଷ୍କାର ପାତ୍ରରେ ବର୍ଷା ଜଳ ସଂଗ୍ରହ କରନ୍ତୁ ଏବଂ ଭବିଷ୍ୟତରେ ବ୍ୟବହାର ପାଇଁ ସଂରକ୍ଷଣ କରନ୍ତୁ ।
- ଧୂମପାନ କରନ୍ତୁ ନାହିଁ କାରଣ ଏହା ଆପଣଙ୍କ ଶରୀରକୁ ଜଳଶୂନ୍ୟ କରିବାକୁ ଲାଗେ ।
- କୌଣସି ଦୟନୀୟ ଅବସ୍ଥାରେ, ଆପଣ କପଡ଼ାରେ ନିର୍ମିତ ଏକ ଫନେଲ ବ୍ୟବହାର କରି କ୍ଷୁଧାକୁ ମୁକାବିଲା କରିବା ପାଇଁ ପ୍ଲାଙ୍କଟନ୍ ସଂଗ୍ରହ କରିପାରିବେ । ଯେତେବେଳେ ଆପଣ କିଛି ପାଣି ପାଇଁ ସମୁଦ୍ର ଜଳକୁ କପଡା ଫନେଲକୁ ଟାଣିବେ, ଆପଣ ଶେଷରେ ପ୍ଲାଙ୍କଟନ୍ ଜମା ହୋଇଥିବା ଦେଖି ପାରିବେ । ଏହି ଉଦ୍ଦେଶ୍ୟରେ ଏକ ସାର୍ଟର ଏକ ହାତ ବ୍ୟବହାର କରାଯାଇପାରିବ । ମନେରଖନ୍ତୁ ଯେ ପ୍ଲାଙ୍କଟନ୍ କିମ୍ବା ସମୁଦ୍ରଦଳ ଖାଇବାଦ୍ୱାରା ଆପଣଙ୍କ ଶରୀର ପାଇଁ ମଧୁର ଜଳର ଆବଶ୍ୟକତା ଅଧିକ ହୋଇଥାଏ । ମାଛର ମେରୁଦଣ୍ଡର ତରଳ ପଦାର୍ଥରେ ମଧ ମଧୁର ଜଳ ରହିଥାଏ ଏବଂ ନିରାପଦରେ ଚୋବାଇ ଗିଳି ଦିଆଯାଇପାରେ ।
- ଶୀଘ୍ର ଉଦ୍ଧାର ପାଇଁ ଆଶା କରନ୍ତୁ ନାହିଁ । ଏହା ଏକ ଲମ୍ବା ସମୟ ନେଇପାରେ । ତେଣୁ ଧୈର୍ଯ୍ୟ ରଖନ୍ତୁ ।
- ଯଦି ଅନ୍ୟ ଏକ ଜାହାଜ କେବଳ ଲୋକଙ୍କୁ ବଞ୍ଚାଇ ପାରିବ, ତେବେ ଖରାପ ଥିବା ଜାହାଜକୁ ଭୁଲି କେବଳ କର୍ମଚାରୀମାନଙ୍କୁ ଉଦ୍ଧାର କରାନ୍ତୁ ।

# ଲାଇଫ ରାଫ୍ଟ ଏବଂ ଲାଇଫ୍ ଜ୍ୟାକେଟ୍

ଜାହାଜଗୁଡିକ ପାଇଁ ଲାଇଫ୍ ଜ୍ୟାକେଟ୍ ଜରୁରୀ । ଏହା ଜରୁରୀକାଳୀନ ପରିସ୍ଥିତିରେ ଜୀବନ ରକ୍ଷା କରିପାରିବ, ଉଦାହରଣ ସ୍ୱରୂପ, ଯେଉଁଠାରେ ଏକ ଜାହାଜକୁ ପରିତ୍ୟାଗ କରାଯିବ, ଏକ ଲାଇଫ୍ ଜ୍ୟାକେଟ୍ ଜଣେ ବ୍ୟକ୍ତିଙ୍କୁ ଯଥେଷ୍ଟ ସମୟ ପାଇଁ ଭାସିବାକୁ ସକ୍ଷମ କରିପାରିବ । ତଥାପି, ସମୁଦ୍ର ଜଳରେ ଦୀର୍ଘ ସମୟ ରହିବା ଦ୍ୱାରା ଜଳଶୂନ୍ୟତା ଜନିତ ଦୁର୍ବଳତା ଏବଂ ଶରୀରର ତାପମାତ୍ରା ଭୟଙ୍କର ଭାବରେ କମିଯାଏ । ଏକ ହତାଶପୂର୍ଣ୍ଣ ପରିସ୍ଥିତିରେ, ଉଦ୍ଧାରକାରୀ ଡଙ୍ଗା ଆସିବା ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କୁ ଲାଇଫ୍ ଜ୍ୟାକେଟ୍ ସାହାଯ୍ୟ କରିଥାଏ ।

ଅନେକ ପ୍ରକାରର ଲାଇଫ୍ ରାଫ୍ଟ ବଜାରରେ ଉପଲବ୍ଧ । ଏକ ଲାଇଫ୍ ରାଫ୍ଟ ସମ୍ପୂର୍ଣ୍ଣ କ୍ରୁ-ସଦସ୍ୟଙ୍କୁ ଧାରଣ କରିବାରେ ସକ୍ଷମ ହେବା ଉଚିତ । ଗଭୀର ସମୁଦ୍ରରେ ଏକ ଲାଇଫ୍ ରାଫ୍ଟ ଅତ୍ୟନ୍ତ ଉପଯୋଗୀ ଅଟେ ଯାହାକି କ୍ରୁ-ସଦସ୍ୟମାନଙ୍କୁ ଏକ ସପ୍ତାହ କିମ୍ବା ଅଧିକ ସମୟ ବଞ୍ଚିବାକୁ ସକ୍ଷମ କରିଥାଏ । କେତେକ କ୍ଷେତ୍ରରେ, କର୍ମଚାରୀମାନେ ସେମାନଙ୍କୁ ଦେଖିବା ଏବଂ ଉଦ୍ଧାର ନହେବା ପର୍ଯ୍ୟନ୍ତ ପ୍ରାୟ ୧୦୦ କିମ୍ବା ତା'ଠାରୁ ଅଧିକ ଦିନ ପର୍ଯ୍ୟନ୍ତ ରାଫ୍ଟରେ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି ।





## ଏକ ଲାଇଫ ରାଫ୍ଟ ରେ ନିମ୍ନ ବିଷୟ ଅନ୍ତର୍ଭୂକ୍ତ ହେବା ଉଚିତ:

- ଅତିକମରେ ୩୦ ମିଟର ଲମ୍ବର ବୟାଣ୍ଟ ଲାଇନ୍ ସହିତ ସଂଲଗ୍ନ ହୋଇଥିବା ଏକ ଉଦ୍ଧାରକାରୀ ବୟାଣ୍ଟ ଉପକରଣ (ରିଙ୍ଗ) ।
- ଫୋଲ୍ଡିଂ ନଥିବା ଏବଂ ବୟାଣ୍ଟ ହ୍ୟାଣ୍ଡଲ୍ ପ୍ରକାରର ଗୋଟିଏ ସୁରକ୍ଷା ଛୁରୀ ରସି ସହିତ ସଂଲଗ୍ନ ହୋଇ ବାହ୍ୟକାନ୍ଥର ଏକ ପକେଟରେ ରଖାଯାଇଥାଏ ଯେଉଁଠାରେ ରାଫ୍ଟ ସହ ଲାଗିଥିବା ଫେଣ୍ଡର ଲାଇନ ଲାଗିଥାଏ । ଏହା ସହିତ, ଏକ ରାଫ୍ଟ ସହିତ ଦ୍ୱିତୀୟ ସୁରକ୍ଷା ଛୁରୀ ଯୋଗାଇ ଦିଆଯିବା ଉଚିତ, ଯାହା ବିନା ଫୋଲ୍ଡିଂ ପ୍ରକାରର ହେବା ଜରୁରୀ ନୁହେଁ ।
- ସର୍ବାଧିକ ୧୨ ଜଣ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇପାରୁଥିବା ଏକ ଲାଇଫ ରାଫ୍ଟ ପାଇଁ ଗୋଟିଏ ବୟାଣ୍ଟ ବେଲର ରହିବା ପାଇଁ ଅନୁମତିପ୍ରାପ୍ତ । ୧୩ କିମ୍ବା ଅଧିକ ବ୍ୟକ୍ତିଙ୍କ ସୁରକ୍ଷା କ୍ଷମତା ଥିବା ଏକ ଲାଇଫ ରାଫ୍ଟ ପାଇଁ, ଦୁଇଟି ବୟାଣ୍ଟ ବେଲର ଆବଶ୍ୟକତା ଥାଏ ।
- ଦୁଇଟି ସ୍ପଞ୍ଜ ।
- ଦୁଇଟି ଅନୁମୋଦିତ ସମୁଦ୍ର-ଲଙ୍ଗର, ଉଭୟ ଆଘାତ ପ୍ରତିରୋଧକ ଥିବା ଶକ୍ତ ରସି ଏବଂ ଟ୍ରିପିଙ୍ଗ ଲାଇନ ରହିବା ଜରୁରୀ, ଗୋଟିଏ ଅତିରିକ୍ତ ଏବଂ ଅନ୍ୟଟି ସ୍ଥାୟୀ ଭାବରେ ଲାଇଫ ରାଫ୍ଟ ସହିତ ଏପରି ଭାବରେ ସଂଲଗ୍ନ ହୋଇଥାଏ ଯେ ଯେତେବେଳେ ଲାଇଫ ରାଫ୍ଟ ଫୁଲି ଯାଏ କିମ୍ବା ଜଳବାହୀ ହୋଇଯାଏ, ଏହା ସ୍ଥିର ଭାବରେ ପବନକୁ ସାମନା କରିଥାଏ । ପ୍ରତ୍ୟେକ ସମୁଦ୍ର ଲଙ୍ଗର ର ଶକ୍ତି ଏବଂ ଏହାର ଶକ୍ତ ରସି ଏବଂ ଟ୍ରିପିଙ୍ଗ ଲାଇନ ସମସ୍ତ ସାମୁଦ୍ରିକ ପରିସ୍ଥିତି ପାଇଁ ଯଥେଷ୍ଟ ହୋଇଥାଏ । ସମୁଦ୍ର ଲଙ୍ଗର ଦଉଡ଼ିର ପ୍ରତ୍ୟେକ ମୁଣ୍ଡରେ ଗୋଟିଏ ଲେଖାଏଁ ସ୍ୱୀଭେଲ ଥାଏ ଏବଂ ଏହା ଏପରି ପ୍ରକାରର ହେଇଥିବା ଦରକାର, ଯାହା ଏହାର କଭର ଭିତରକୁ ଯିବା ସମ୍ଭବ ନୁହେଁ ।
- ଦୁଇଟି ବୟାଣ୍ଟ ପ୍ୟାଡଲ୍ ।
- ତିନୋଟି ଟିଣ ଓପନର୍ । ଏହି ଆବଶ୍ୟକତା ପାଇଁ ସ୍ୱତନ୍ତ୍ର ଟିଣ- ଅପରେଟର୍ ବ୍ଲେଡ୍ ଥିବା ସୁରକ୍ଷା ଛୁରୀଗୁଡ଼ିକ ସଠିକ ଅଟେ ।
- ଏକ ଅନୁମୋଦିତ ପ୍ରାଥମିକ ସହାୟତା କିଟ୍ ଯାହାକି ଏକ ଜଳନିରୋଧ କେସ ଭିତରେ ରହିଥାଏ - ଯାହା ବ୍ୟବହାର ପରେ ଦୃଢ ଭାବରେ ବନ୍ଦ କରାଯାଇପାରେ ।
- ଗୋଟିଏ ହ୍ୱିସିଲ ବା ସମାନ ଧ୍ୱନି ଉତ୍ପନ୍ନ କରୁଥିବା ବସ୍ତୁ ।
- ସମସ୍ତ ଆବଶ୍ୟକୀୟ ସରଞ୍ଜାମ ଥିବା ଚାରୋଟି ରକେଟ୍ ପାରାଚ୍ୟୁଟ୍ ଫ୍ଲେୟାର ।
- ଆବଶ୍ୟକତା ପୂର୍ଣ୍ଣ କରି ଥିବା ଛଅଟି ହାତ ନିକ୍ଷେପଣ ଫ୍ଲେୟାର ।
- ଆବଶ୍ୟକତା ଅନୁଯାୟୀ ଦୁଇଟି ଧୂଆଁର ସଙ୍କେତ ଦେଇପାରୁଥିବା ଉପକରଣ ।

- ମୋର୍ଶ ସିଗ୍ନାଲ ପାଇଁ ଗୋଟିଏ ଉପଯୁକ୍ତ ୱାଟରପ୍ରୁଫ୍ ଇଲେକ୍ଟ୍ରିକ୍ ଟର୍ଚ୍ଚ ସହ ୱାଟରପ୍ରୁଫ୍ ପାତ୍ରରେ ଏକ ବ୍ୟାଟେରୀ ସେଟ୍ ଏବଂ ଗୋଟିଏ ସ୍ପେୟାର୍ ବଲ୍ବ ।
- ଗୋଟିଏ ଉତ୍ତମ ରାଡାର ପ୍ରତିଫଳକ ।
- ଜାହାଜ ଏବଂ ଏୟାରକ୍ରାଫ୍ଟକୁ ସିଗନାଲ୍ କରିବା ପାଇଁ ଏହାର ବ୍ୟବହାର ଉପରେ ନିର୍ଦ୍ଦେଶନାମା ସହିତ ଗୋଟିଏ ଦିନ ସୂର୍ଯ୍ୟ କିରଣ  ସିଗନାଲ୍ କରୁଥିବା ଦର୍ପଣ ।
- ୱାଟରପ୍ରୁଫ୍ କାର୍ଡରେ କିମ୍ବା ୱାଟରପ୍ରୁଫ୍ ପାତ୍ରରେ ଜୀବନ ରକ୍ଷାକାରୀ ସଙ୍କେତଗୁଡ଼ିକର ଗୋଟିଏ କପି ।
- ଗୋଟିଏ ସେଟ ମାଛଧରା ଉପକରଣ ।
- ପ୍ରତ୍ୟେକ ବ୍ୟକ୍ତି ପିଛା ସମୁଦାୟ ୧୦ ୦୦୦ କିଲୋଜୁଲ ଶକ୍ତି ଠାରୁ କମ୍ ନ ଥିବା ଖାଦ୍ୟ ରାସନ; ଏହି ରାସନ ଗୁଡ଼ିକ ବାୟୁ ନିରୋଧକ ପ୍ୟାକେଜିଙ୍ଗ କରାଯାଇ ଜଳ ନିରୋଧକ ପାତ୍ରରେ ରଖାଯିବା ଉଚିତ ।




- ଲାଇଫ ରାଫ୍ଟରେ ପ୍ରତ୍ୟେକ ବ୍ୟକ୍ତି ପିଛା ସମୁଦାୟ ୧.୫ ଲିଟର ମଧୁର ଜଳ ଧାରଣ କରୁଥିବା ୱାଟର- ପ୍ରୁଫ ପାତ୍ର, ଯେଉଁଥିରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୁଇ ଦିନରେ ୦.୫ ଲିଟର ପରିମାଣର ଜଳ, ଅନୁମୋଦିତ ଜଳ ମଧୁରୀକରଣ ଉପକରଣ ଦ୍ୱାରା ସୃଷ୍ଟି ହୋଇଥାଏ ଓ ସମାନ ପରିମାଣର ନିଷ୍କାସିତ ହୋଇଥାଏ ।
- ଗୋଟିଏ କଳଙ୍କି ନିରୋଧକ ପାନୀୟ ମାପକ ପାତ୍ର ।
- ଗୋଟିଏ ପାନୀୟ କପ୍ ।
- ପ୍ରତ୍ୟେକ ବ୍ୟକ୍ତି ପିଛା ଛଅଟି ସମୁଦ୍ରଯାତ୍ରା ଜନିତ ଅସୁସ୍ଥତା ପ୍ରତିଷେଧକ ଔଷଧ ଡୋଜ୍ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଗୋଟିଏ ସମୁଦ୍ରଯାତ୍ରା ଜନିତ ଅସୁସ୍ଥତା କିଟ ବ୍ୟାଗ୍ ଯାହା ଲାଇଫ ରାଫ୍ଟ ଭିତରେ ରହିଥାଏ ।
- କିପରି ବଞ୍ଚିବେ ସେ ସମ୍ବନ୍ଧରେ ଉପଦେଶାବଳୀ ।
- ତୁରନ୍ତ କାର୍ଯ୍ୟକଳାପ ପାଇଁ ନିର୍ଦ୍ଦେଶାବଳୀ ।
- ସର୍ବନିମ୍ନ ୨ ଜଣଙ୍କ ପାଇଁ ଥର୍ମାଲ୍ ସୁରକ୍ଷା ଚାଦର ।

# ବିକଳ୍ପ ଭାସମାନ ବସ୍ତୁ





ଯଦି ଲାଇଫ୍ ବଏ ଉପଲବ୍ଧ ନଥାଏ ତେବେ ଭାସିଯାଉଥିବା ଜାଲରୁ ପ୍ରସ୍ତୁତ ଲାଇଫ୍ ବେଲ୍ଟ*

ଏକ ଇନଫ୍ଲେଟେବଲ୍ ଲାଇଫ୍ ରାଫ୍ଟର ବିକଳ୍ପ ଭାବରେ ବଡ଼ ଡଙ୍ଗା ପାଇଁ FRP ଲାଇଫ ବୋଟ*





Life Float | Promoting Safety at Sea of Small-Scale Fisheries | BOBP-IGO

ସମୁଦ୍ରରେ ସୁରକ୍ଷା ଉପରେ ଉପରୋକ୍ତ ଭିଡିଓ ଫିଲ୍ମ ଦେଖନ୍ତୁ:
https://www.youtube.com/watch?v=rzkkgAS2VAQ



* ବାଂଲାଦେଶ ସରକାର / UNDP ପ୍ରକଳ୍ପ ଅଧୀନରେ ସମୁଦ୍ରକୂଳିଆ ମତ୍ସ୍ୟଜୀବୀ ଜୀବିକା ସୁରକ୍ଷା ସଶକ୍ତିକରଣ' ଉପରେ ବାଂଲାଦେଶର କୋକସ ବଜାର ଠାରେ ବିକଶିତ ହୋଇଛି (BGD/97/07)
* ବାତ୍ୟା ସମୟରେ ଜୀବନ ହାନି ହ୍ରାସ କରିବାର ପଦକ୍ଷେପ ଉପରେ FAO ବୈଷୟିକ ସହଯୋଗ କାର୍ଯ୍ୟକ୍ରମ ଅଧୀନରେ ଆନ୍ଧ୍ର ପ୍ରଦେଶ ଠାରେ ବିକଶିତ (TCP/IND/6712)

# ଶୀତଳତାକୁ ଏକ୍ସପୋଜରର ବିପଦ (ତିଷ୍ଠିବାର କୌଶଳ)

ଶୀତଳ ଜଳର ସଂସ୍ପର୍ଶରେ ଆସି ଶନିପାତ ଜନିତ ମୃତ୍ୟୁ ହିଁ ସମୁଦ୍ରରେ ମୃତ୍ୟୁର ପ୍ରମୁଖ କାରଣ । ଜାହାଜ ବିପର୍ଯ୍ୟୟର ଅନୁସନ୍ଧାନ ଦର୍ଶାଇଛି ଯେ ଶୀତରେ ଆକ୍ରାନ୍ତ ହୋଇ ମୃତ୍ୟୁ ହେବାର ଆଶଙ୍କା ବୁଡ଼ିଯିବାର ଆଶଙ୍କାଠାରୁ ଅଧିକ।

ଶୀତର ସଂସ୍ପର୍ଶରେ ଆସି ନିଜକୁ କିପରି ରକ୍ଷା କରିବେ ଏବଂ ଶୀତରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପ୍ରତି କିପରି ବ୍ୟବହାର କରିବେ ସେ ବିଷୟରେ ଜାଣିବା ଜରୁରୀ ଅଟେ। ଥଣ୍ଡା ହେତୁ ଜଣେ ବ୍ୟକ୍ତି ଅକ୍ଷମ ହୋଇପାରେ ଏବଂ ତା'ପରେ ସେ ବୁଡ଼ି ଯାଇପାରେ । ମାନବ ଶରୀରର ସାଧାରଣ ତାପମାତ୍ରା ପ୍ରାୟ 37°C ଅଟେ । ଜେ ତାପମାତ୍ରା 40-41°C କୁ ବଢିବା ଦ୍ୱାରା ବ୍ୟକ୍ତି ଜଣକ ପ୍ରଳାପ ଅବସ୍ଥାରେ ରହନ୍ତି । ଯଦି ତାପମାତ୍ରା 33°C କିମ୍ବା ତଳକୁ ଖସିଯାଏ, ତେବେ ବ୍ୟକ୍ତି ଚେତାଶୂନ୍ୟ ହୋଇଯିବେ । ପ୍ରାୟ 25°C ରେ, ମୃତ୍ୟୁ ହୁଏ କାରଣ ହୃଦୟ 25°C ରୁ କମ୍ ତାପମାତ୍ରାରେ ପରିଚାଳନା କରିପାରିବ ନାହିଁ ।

ଯେତେବେଳେ ଜଣେ ବ୍ୟକ୍ତି ଥଣ୍ଡା ପାଣିରେ ପଡ଼େ, ପାଣି ତୁରନ୍ତ ପୋଷାକ ଭିତରକୁ ପ୍ରବେଶ କରିବ । ପୋଷାକରେ ଥିବା ବାୟୁର ଇନସୁଲେଟିଂ ସ୍ତର ଜଳ ଦ୍ୱାରା ବିସ୍ଥାପିତ ହେବ ଏବଂ ଚର୍ମ ସଂପୂର୍ଣ୍ଣ ଭାବରେ ଥଣ୍ଡା ହୋଇଯିବ । ଯଦି ଜଳ 30°C ରୁ କମ୍ ଥାଏ, ଉତ୍ତାପ ରକ୍ଷା କରିବା ପାଇଁ ଚର୍ମର ରକ୍ତବାହୀ ସଂକୀର୍ଣ୍ଣ ହୋଇଯିବ ଏବଂ ଏହି କାର୍ଯ୍ୟ ପୀଡିତଙ୍କ ଶରୀରର ଉତ୍ତାପକୁ ବଞ୍ଚାଇବାରେ ସାହାଯ୍ୟ କରିବ ନାହିଁ ।

ଶରୀର ମାଂସପେଶୀକୁ ଟାଣିବା ଦ୍ୱାରା ଅଧିକ ଉତ୍ତାପ ଉତ୍ପାଦନ କରିବାକୁ ଚେଷ୍ଟା କରିବ ଏବଂ ଏହାର ପରିଣାମ ସ୍ୱରୂପ ଶରୀରରେ କମ୍ପନ ସୃଷ୍ଟିହବ । ଯଦି ତାପମାତ୍ରା ହ୍ରାସ ପାଇବାରେ ଲାଗେ, କମ୍ପନ କମିଯାଏ ତେବେ ବ୍ୟକ୍ତି ଆଉ ଅଧିକ ଶକ୍ତିଶାଳୀ ଡିଗ୍ରୀ ପର୍ଯ୍ୟନ୍ତ ଥଣ୍ଡା ଅନୁଭବ କରିବେ ନାହିଁ, କିନ୍ତୁ ଧୀରେ ଧୀରେ ଚେତାଶୂନ୍ୟ ଅବସ୍ଥାକୁ ଚାଲିଯିବେ ।

ଯଦି ଜଣେ କ୍ରୁ-ମେମ୍ବର ଥଣ୍ଡା ପାଣିରେ ପଡ଼ିଯାଆନ୍ତି, ତେବେ ବ୍ୟକ୍ତିର ଅଙ୍ଗ କିଛି ମାତ୍ରାରେ ମାତ୍ରାଧିକ ଥଣ୍ଡା ହୋଇଯିବ ଏବଂ ବ୍ୟକ୍ତି ପକ୍ଷାଘାତର ଶିକାର ହୋଇପାରନ୍ତି ।ଉଦ୍ଧାର ପାଇଁ ତାଙ୍କୁ ଫୋପାଡି ଦିଆଯାଇଥିବା କୌଣସି ଦଉଡ଼ିକୁ ଧରି ରଖିବା କିମ୍ବା ଧରିବାରେ ଅସମର୍ଥ ହୋଇପାରନ୍ତି ।



ଯଦି ଆପଣ ଥଣ୍ଡା ପାଣିରେ ପଡ଼ନ୍ତି, ବଞ୍ଚିବା ପାଇଁ ଆପଣ ନିମ୍ନଲିଖିତ କାର୍ଯ୍ୟ କରିପାରିବେ:

- ଆପଣଙ୍କ ଶରୀରର ଅନେକ ଅଙ୍ଗକୁ ପାଣିରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ମନେରଖନ୍ତୁ ଯେ ଉଚ୍ଚ ପବନର ବେଗରେ ମଧ ପାଣି ବାୟୁଠାରୁ ୫-୬ ଗୁଣ ଅଧିକ ଥଣ୍ଡା ହୋଇଥାଏ ।
- ଭୟ କରନ୍ତୁ ନାହିଁ। ଆପଣଙ୍କର ଶ୍ୱାସକ୍ରିୟାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତୁ, ଏବଂ ଉଦ୍ଧାରକାରୀମାନଙ୍କ ପାଇଁ କେବଳ ପାଟି କରନ୍ତୁ କିମ୍ବା ସଙ୍କେତ ଦିଅନ୍ତୁ ।
- ଯଦି ଆପଣ ଲାଇଫ୍ ଜ୍ୟାକେଟ୍ ପିନ୍ଧି ନାହାନ୍ତି, ତେବେ ଆପଣ ଧରିବାକୁ କିମ୍ବା ଚଢ଼ିବାକୁ କିଛି ଭାସମାନ ବସ୍ତୁ ଅଛି କି ନାହିଁ ଚାରିପାଖକୁ ଦେଖନ୍ତୁ ।
- ଯଦି ଆପଣ ଲାଇଫ୍ ଜ୍ୟାକେଟ୍ ପିନ୍ଧିଛନ୍ତି, ଉତ୍ତାପ ହ୍ରାସ କରିବା ପାଇଁ ଏକ ପଦକ୍ଷେପ ନିଅନ୍ତୁ, ଯଥାସମ୍ଭବ ଗତିଶୂନ୍ୟ ରୁହନ୍ତୁ ଏବଂ ମୁଣ୍ଡ ଏବଂ ବେକକୁ ପାଣିରୁ ଦୂରେଇ ରଖନ୍ତୁ ।
- ଯଦି ଆପଣଙ୍କୁ ପହଁରିବାକୁ ପଡିବ ତେବେ ଶକ୍ତି ସଂରକ୍ଷଣ କରିବାକୁ ଏବଂ ଗତି କମ୍ କରିବାକୁ ଚେଷ୍ଟା କରନ୍ତୁ ।
- ଯଦି ଆପଣ ପାଣିରେ ଅଧିକ ଲୋକଙ୍କ ସହିତ ଅଛନ୍ତି ତେବେ ଏକାଠି ରହିବାକୁ ଚେଷ୍ଟା କରନ୍ତୁ ।

## ହାଇପୋଥର୍ମିଆ

ହାଇପୋଥର୍ମିଆ ହେଉଛି ଶରୀରର ନିମ୍ନ ତାପମାତ୍ରାର ଅବସ୍ଥା । ଥଣ୍ଡା ପାଣିରେ ବୁଡ଼ ପକାଇବା କିମ୍ବା ଥଣ୍ଡା ପାଗ, ଓଦା ଏବଂ ପବନ ପରିସ୍ଥିତିରେ ଯଥେଷ୍ଟ ପୋଷାକ ଓ ଆବରଣ ନଥିବା କାରଣରୁ ଦୀର୍ଘ ସମୟ ଧରି ଉତ୍ତାପ ହ୍ରାସ ହେତୁ ଏହା ହୋଇଥାଏ ।ସମସ୍ତ ବଞ୍ଚିଥିବା ବ୍ୟକ୍ତି, ବିଶେଷକରି ଏକ ଖୋଲା ଯାନରେ ଥିବା ବ୍ୟକ୍ତିଙ୍କୁ, ହାଇପୋଥର୍ମିଆ ହେବାର ସମ୍ଭାବନା ଥାଏ । ସମସ୍ତ ବଞ୍ଚିଥିବା ବ୍ୟକ୍ତି ଜାଣିବା ଉଚିତ ଯେ ହାଇପୋଥର୍ମିଆ ଏକ ପ୍ରାଣଘାତୀ ପରସ୍ଥିତି । ଏହାର ଆରମ୍ଭ ଶୀଘ୍ର ହୋଇପାରେ ଏବଂ ଯଦି ପୀଡିତ କିମ୍ବା ଅନ୍ୟ ବଞ୍ଚିଥିବା ବ୍ୟକ୍ତିଙ୍କ ଦ୍ୱାରା ଚିହ୍ନଟ ନହୁଏ, ତେବେ ମୃତ୍ୟୁ ଏକ ଘଣ୍ଟା ମଧ୍ୟରେ ହେବାର ସମ୍ଭାବନା ଥାଏ । ହାଇପୋଥର୍ମିଆର ଶିକାର ହୋଇଥିବା ବ୍ୟକ୍ତି ପ୍ରାୟତଃ ତାଙ୍କ ଅବସ୍ଥା ଅନୁଭବ କରନ୍ତି ନାହିଁ ତେଣୁ ହାଇପୋଥର୍ମିଆର ଲକ୍ଷଣ ଜାଣିବା ଜରୁରୀ ଅଟେ ।

ନିମ୍ନ ବିଷୟ ଦ୍ୱାରା ହାଇପୋଥର୍ମିଆ ଚିହ୍ନଟ କରାଯାଇପାରେ:

- ଶରୀରର ଅଧିକ ଉତ୍ତାପ ଉତ୍ପାଦନ କରିବା ପାଇଁ ଶରୀରର କମ୍ପନ ହେବା ।
- ଅସ୍ୱାଭାବିକତା, ଥକ୍କାପଣ, ଦୁର୍ବଳ ସମନ୍ୱୟ, ଅସ୍ଥିରତା, ଦୁର୍ବଳ ବକ୍ତବ୍ୟ, ବିକୃତି ଏବଂ ମାନସିକ ଦ୍ୱନ୍ଦ ।
- ଦୁର୍ବଳ ସ୍ପର୍ଶ ଅନୁଭବ, ପାଟି ଖନି ମାରିବା ଏବଂ ଓଠ, ହାତ ଏବଂ ପାଦ ଫୁଲିବା ।

ହାଇପୋଥର୍ମିଆର ଚିକିତ୍ସା ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇପାରେ :

- ବାଷ୍ପୀକରଣ କିମ୍ବା ଏକ୍ସପୋଜର ହେତୁ ଅଧିକ ଉତ୍ତାପ କ୍ଷୟକୁ ରୋକନ୍ତୁ । ଓଦା ଏବଂ ପବନ ପରିସ୍ଥିତିରୁ ପୀଡିତଙ୍କୁ ଆଶ୍ରୟ ଦିଅନ୍ତୁ ।
- ପୀଡିତଙ୍କୁ ନିଆଁସ୍ଥାନ ପରି ବାହ୍ୟ ଉତ୍ତାପ ନିକଟରେ ରଖନ୍ତୁ ।
- ଉଷ୍ମତା ପାଇଁ ପୀଡିତଙ୍କୁ ଅନ୍ୟ ଲୋକଙ୍କ ପାଖରେ ରଖନ୍ତୁ । ଆବଦ୍ଧ ସ୍ଥାନରେ ଏକାଠି ରହିବା ହେଉଛି ପୀଡିତଙ୍କୁ ତାଙ୍କ ଶରୀର ପାଇଁ ଯଥେଷ୍ଟ ଉତ୍ତାପ ଯୋଗାଇବା ପାଇଁ ଏକ ପ୍ରକୃଷ୍ଟ ଉପାୟ ।
- ବ୍ୟକ୍ତିଙ୍କ ସହିତ ଅନାବଶ୍ୟକ ଶାରୀରିକ ସମ୍ପର୍କରୁ ଦୂରେଇ ରୁହନ୍ତୁ ।
- ଯେତେବେଳେ ପୀଡିତ ସଚେତନ ହୁଅନ୍ତି, ତାଙ୍କୁ ଏକ ଗରମ ମଧୁର ପାନୀୟ ଦିଅନ୍ତୁ ।
- ବାୟୁର ତାପମାତ୍ରା ଜଳ ତାପମାତ୍ରାଠାରୁ କମ୍ ନହେବା ପର୍ଯ୍ୟନ୍ତ କିମ୍ବା କମ୍ବଳ ଗରମ ନହେବା ପର୍ଯ୍ୟନ୍ତ କମ୍ବଳରେ ଗୁଡ଼ାଇ ରଖନ୍ତୁ । (ଗରମ ହୋଇନଥିବା କମ୍ବଳ ବାହ୍ୟ ଉତ୍ତାପ ଦ୍ୱାରା ଶରୀରର ଥଣ୍ଡା ପୃଷ୍ଠକୁ ଉତ୍ତାପ ପ୍ରଦାନ କରିଥାଏ) ।
- ଶରୀର କିମ୍ବା ଅଙ୍ଗକୁ ମାଲିସ୍ କରନ୍ତୁ ନାହିଁ ।
- ଅଚେତ ବ୍ୟକ୍ତିଙ୍କୁ କଠିନ କିମ୍ବା ତରଳ ପଦାର୍ଥ ଖାଇବାକୁ ଦିଅନ୍ତୁ ନାହିଁ ।
- ମଦ୍ୟପାନ କରାନ୍ତୁ ନାହିଁ ।

## ଇମର୍ଶନ ଫୁଟ

ଥଣ୍ଡା ପାଣିରେ ଗୋଟିଏ ଅଙ୍ଗ ଅତ୍ୟଧିକ ସମୟ ରହିଲେ ଇମର୍ଶନ ଫୁଟ ଆକ୍ରାନ୍ତ ହୋଇପାରେ । ପାଦ ଥଣ୍ଡା ଏବଂ ଓଦା ହୋଇଯାଏ, ଫଳସ୍ୱରୂପ ରକ୍ତ ସଞ୍ଚାଳନ ଦୁର୍ବଳ ହୁଏ । ଆକ୍ରାନ୍ତ ଅଂଶ ଫୁଲିଯାଏ, ଅସ୍ଥିର ଏବଂ ଯନ୍ତ୍ରଣାଦାୟକ ହୁଏ ଏବଂ ପରେ ଚର୍ମ ଶ୍ୱେତ ପଡ଼ିଯାଏ କିମ୍ବା ଫାଟି ଯାଇପାରେ ।

ଇମର୍ଶନ ଫୁଟ ଆକ୍ରାନ୍ତ ପାଦର ଚିକିତ୍ସା ନିମ୍ନଲିଖିତ ଅଟେ:

- ପୀଡିତଙ୍କୁ ଉଷୁମ ରଖନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେ ଶରୀରର ଆକ୍ରାନ୍ତ ଅଂଶ ଉପରକୁ ଉଠା ହୋଇଛି ।
- ପୀଡିତଙ୍କ ପ୍ରଥମେ ଶରୀରକୁ ତାପରେ ହାତଗୋଡ଼କୁ ଉଷୁମ କରନ୍ତୁ, ମାଲିସ କରନ୍ତୁ ନାହିଁ ।
- ଯଦି ଅଲସର କିମ୍ବା ଫୁଲା ହୁଏ, ତେବେ ସେଗୁଡିକୁ ଭଲଭାବରେ ଡ୍ରେସିଂ କରାନ୍ତୁ ।
- ଜୋତା ଏବଂ ମୋଜା କାଢିଦିଅନ୍ତୁ, ପାଦ ଏବଂ ଗୋଡକୁ ଶୁଖାଇ ଦିଅନ୍ତୁ ଏବଂ ଗୋଡକୁ ଗତିଶୀଳ କରାନ୍ତୁ ।
- ପାଦକୁ ଶୁଖିଲା ପୋଷାକ ସାମଗ୍ରୀରେ ଉଷୁମ ରଖନ୍ତୁ କିମ୍ବା ଅନ୍ୟ ସୁସ୍ଥ ଲୋକଙ୍କ କୋଳ ସହାୟତାରେ ଉଷୁମ କରନ୍ତୁ ।

## ସୌର ଜ୍ୱଳନ

ଯେଉଁ କ୍ରୁ-ସଦସ୍ୟମାନେ ଲୁକ୍ଆଉଟ୍ ଭଳି ଦାୟିତ୍ୱ ପାଇଁ ବାହାରେ କାର୍ଯ୍ୟ କରନ୍ତି, ସେମାନେ ସୂର୍ଯ୍ୟକିରଣକୁ ରୋକିବା ପାଇଁ ଯଥାସମ୍ଭବ ସେମାନଙ୍କ ଚର୍ମକୁ ଘୋଡାଇବା ପାଇଁ ଯତ୍ନବାନ ହେବା ଉଚିତ । ସେମାନେ ଯଥାସମ୍ଭବ ସୂର୍ଯ୍ୟଙ୍କଠାରୁ ଦୂରେଇ ରହିବା ଉଚିତ । ସୌର ଜ୍ୱଳନ ଦ୍ୱାରା ଫୁଲିଯିବାର ସମ୍ଭାବନା ଥାଏ ଏବଂ ଇନଫେକ୍ସନ୍ ର ସମ୍ଭାବନା ଥାଏ ।

ସୌର ଜ୍ୱଳନର ଉପଚାର ସାମାନ୍ୟ ଜ୍ୱଳନର ଉପଚାର ପରି କରାଯିବା ଉଚିତ । କୌଣସି ଫୁଲା କିମ୍ବା ଖଣ୍ଡିଆ କରନ୍ତୁ ନାହିଁ ଏବଂ ଏପରି ହେଲେ ଆଣ୍ଟିସେପ୍ଟିକ୍ କ୍ରିମ୍ ଲଗାନ୍ତୁ ଏବଂ କଭର କରନ୍ତୁ ।

## ଲୁଣ ପାଣି ଫୋଟକା ଏବଂ ଘା'

- ଯେତେବେଳେ ସୁସ୍ଥ ଲୋକର ଚର୍ମ ଲୁଣିଆ ପାଣି ସଂସ୍ପର୍ଶରେ ଆସେ, ଯେପରିକି ଜାହାଜର କାମରେ ପାଣିରେ ବୁଡ଼ିବା ସମୟରେ ଏହା ଘଟିବାର ସମ୍ଭାବନା ଥାଏ । ଲୁଣ ପାଣିର ସଂସ୍ପର୍ଶରେ ଆସୁଥିବା ଚର୍ମରେ ଘା ଏବଂ କଟିଯିବା ଜନିତ ସଂକ୍ରମଣ ପାଇଁ ପ୍ରତିରୋଧକ ଶକ୍ତି ନ ଥାଏ ।
- ଫୁଲା କିମ୍ବା ଘା' କୁ ଚିପି ଦିଅନ୍ତୁ ନାହିଁ କିନ୍ତୁ ସୁସ୍ଥ ହେବା ପାଇଁ ଆଣ୍ଟିସେପ୍ଟିକ୍ କ୍ରିମ୍ ଲେପ ଦିଅନ୍ତୁ ଏବଂ ଘା'କୁ ଡ୍ରେସିଂକରନ୍ତୁ ।
- ରକ୍ଷା ପାଇଥିବା ଯାନ ବା ଡ଼ଙ୍ଗାରେ ଦୀର୍ଘଦିନ ପଡିରହିବା କାରଣରୁ ଜଙ୍ଘରେ 'ଘା'ସୃଷ୍ଟି ହେବାର ସମ୍ଭାବନା ଥାଏ ।

## ଶାରୀରିକ କାର୍ଯ୍ୟ

- ବଞ୍ଚିଯାଇଥିବା ସମସ୍ତ ଲୋକଙ୍କୁ ବାରମ୍ବାର ପରିସ୍ରା କରିବା ପାଇଁ ପ୍ରସ୍ତୁତ କରାଯିବା ଉଚିତ ଯାହା ଦ୍ୱାରା ମୂତ୍ରାଶୟ ପରିସ୍ରା ମୁକ୍ତ ରହିବ। ଏହା ନହେଲେ ଗୁରୁତର ପରିଣାମ ହୋଇପାରେ କାରଣ କିଡନୀ ପରିସ୍ରା ଉତ୍ପାଦନ ଜାରି ରଖିବ । ଯେହେତୁ ମୂତ୍ରାଶୟରୁ ସାଧାରଣ ସଞ୍ଚାଳନାରେ ଜଳ ପୁନଃସ୍ଥାପିତ ହୋଇପାରିବ ନାହିଁ, ତେଣୁ ମୂତ୍ରାଶୟରେ ପରିସ୍ରା ରଖିବାରେ କୌଣସି ଫାଇଦା ନାହିଁ ।
- ବଞ୍ଚିଯାଇଥିବା ବ୍ୟକ୍ତିମାନେ ପ୍ରଥମ ଦୁଇ ଦିନ ପରେ କୋଷ୍ଠକାଠିନ୍ୟ ହେଲେ ଚିନ୍ତା କରିବା ଉଚିତ ନୁହେଁ । ଲାଇଫ ରାଫ୍ଟର ଜରୁରୀକାଳୀନ ଖାଦ୍ୟରେ ବହୁତ କମ୍ ବର୍ଜ୍ୟବସ୍ତୁ ରହିଥାଏ ।

## ଡ଼ିହାଇଡ୍ରେସନ (ନିର୍ଜଳୀକରଣ)

ମାନବ ଶରୀରରେ ପ୍ରାୟ ୪୦ ଲିଟର ପାଣି ଥାଏ, ଯେଉଁଥିରୁ ଜୀବନ ବଞ୍ଚାଇବା ପାଇଁ ପ୍ରାୟ ୨୫ ଲିଟର ଆବଶ୍ୟକ । ପ୍ରତିଦିନ ଖାଦ୍ୟ କିମ୍ବା ଜଳ ନିଆଯାଉ ନ ଥିବାରୁ ଜଣେ ସାଧାରଣ ଲୋକର ନିଅଣ୍ଟ ଜଳର ପରିମାଣ ପ୍ରାୟ ଏକ ଲିଟର ଅଟେ । ଯଦି କୌଣସି ଅତିରିକ୍ତ ଜଳ ନଷ୍ଟ ନହୁଏ ତେବେ ଜଣେ ବ୍ୟକ୍ତି ପ୍ରାୟ ଦୁଇ ସପ୍ତାହ ବଞ୍ଚି ରହିପାରେ ।

ପରିଶ୍ରମ, ଝାଳ, ବାନ୍ତି, ପତଳା ଝାଡା, ପରିସ୍ରା ପିଇବା, ସମୁଦ୍ର ଜଳ ପିଇବା କିମ୍ବା ମାଛ ଖାଇବା କିମ୍ବା ଚୋବାଇବା ଦ୍ୱାରା ତ୍ୱରିତ ଜଳ ନଷ୍ଟ ହୋଇପାରେ । ଯଥାସମ୍ଭବ ପରିଶ୍ରମକୁ ଏଡାଇବା ଉଚିତ । ବିଶେଷକରି ନାତିଶୀତୋଷ୍ଣ ଅଞ୍ଚଳରେ ଝାଳକୁ ଯଥାସମ୍ଭବ କମ୍ କରାଯିବା ଉଚିତ । ସମୁଦ୍ରଯାତ୍ରା ଜନିତ ଅସୁସ୍ଥତା ପାଇଁ ଔଷଧ ନେଇ ବାନ୍ତିରୁ ଦୂରେଇ ରହିବା ଆବଶ୍ୟକ, କାରଣ ବାନ୍ତି ଶରୀରରେ ଜଳର ମାତ୍ରା ହ୍ରାସ କରିଥାଏ ।

ପରିସ୍ରାରେ ବିଷାକ୍ତ ବର୍ଜ୍ୟବସ୍ତୁ ରହିଥାଏ । ଏହି ବର୍ଜ୍ୟବସ୍ତୁଗୁଡ଼ିକ ଶରୀର ପାଇଁ ଲାଭଦାୟକ ନୁହେଁ । ପରିସ୍ଥିତିର ନିରାଶାକୁ ପ୍ରାଧାନ୍ୟଦେଇ ପରିସ୍ରା ପାନ କରିବା ଉଚିତ ନୁହେଁ ।

ବଞ୍ଚିଥିବା ଲୋକମାନେ ସମୁଦ୍ର ଜଳ ପିଇବା ଉଚିତ ନୁହେଁ କାରଣ ଏହା ଦ୍ୱାରା ଶରୀରରେ ଜଳଶୂନ୍ୟତା ବଢ଼ିଥାଏ, ଯାହା ବ୍ୟବହାର ପରେ ମଧ୍ୟ ଜାରି ରହିଥାଏ । ତେଣୁ ଏହା ଏକ ସାଂଘାତିକ ଭୁଲ ବୋଲି ପ୍ରମାଣିତ ହୋଇପାରେ ।

ବଞ୍ଚିଥିବା ଲୋକମାନେ ଶୁଖିଲା ଏବଂ ଫାଟିଯାଇଥିବା ଓଠ ପାଇଁ ସମୁଦ୍ର ଜଳ ବ୍ୟବହାର କରିବା ଉତ୍ସାହର ପ୍ରଲୋଭନରୁ ଦୂରେଇ ରହିବା ଉଚିତ ।

## ପ୍ରଳାପ ଏବଂ ମାନସିକ ବ୍ୟାଘାତ

ସମୁଦ୍ର ଜଳ ପିଇବା ଦ୍ୱାରା ଡେଲିରିୟମ୍ (ମାନସିକ ଦ୍ୱନ୍ଦ) ହେବାର ସମ୍ଭାବନା ଅଧିକ । ଜଣେ ଆକ୍ରାନ୍ତ ବ୍ୟକ୍ତି ଭ୍ରାନ୍ତି ପାଇଁ ବେଳେବେଳେ ପାଣି ଭିତରକୁ ଡେଇଁବାକୁ ଚେଷ୍ଟା କରିପାରେ । ଜଣେ ଭ୍ରାନ୍ତ ବ୍ୟକ୍ତିଙ୍କ ସହିତ ଯୁକ୍ତି କରିବା ଅସମ୍ଭବ; ସଂଯମତା ଆବଶ୍ୟକ ହୋଇପାରେ । କ୍ଲାନ୍ତି, ଆଘାତ ଇତ୍ୟାଦିରୁ ବଞ୍ଚିଯାଇଥିବା ବ୍ୟକ୍ତିମାନେ ଅଯୌକ୍ତିକ କିମ୍ବା ମାନସିକ ସ୍ତରରେ ହାଲୁକା ହୋଇପାରନ୍ତି । ସେମାନଙ୍କ ସହିତ ଯଥାସମ୍ଭବ ହାସ୍ୟ କରାଯିବା ଉଚିତ, କିନ୍ତୁ ଯତ୍ନ ନେବା ଯେ ହଠାତ୍ କୌଣସି ଅଯୌକ୍ତିକ କାର୍ଯ୍ୟ ଯେପରି ସେମାନେ ନ କରନ୍ତି ।

## ସ୍ୱଚ୍ଛତା

ଚର୍ମ ଏବଂ ପାଟି ସଫା ରଖିବା ପାଇଁ ବଞ୍ଚିଥିବା ଲୋକଙ୍କୁ ବୁଝେଇବା ଉଚିତ । ଚର୍ମ ଭିତରକୁ ଲବଣଅଂଶ ତଥା ଆଚ୍ଛାଦିତ ପୋଷାକରୁ ଲୁଣ ଏବଂ ମଇଳା ସଂକ୍ରମିତ ହେବାର ସମ୍ଭାବନା ଥାଏ । ବର୍ଷା ଜଳର ସଂସ୍ପର୍ଶରେ ଆସିବା, ଗାଧୋଇବା ସହ ସୂର୍ଯ୍ୟ ଏବଂ ସତେଜ ପବନର ଅଳ୍ପ ସଂସ୍ପର୍ଶରେ ଆସିବା ଲାଭଦାୟକ ହୋଇଥାଏ । ବଞ୍ଚିଥିବା ଲୋକଙ୍କୁ ଯଦି ଗାଧୋଇବା ଦରକାର ହୁଏ ତେବେ ଲାଇଫ୍ ଲାଇନ୍ ଦ୍ୱାରା ଏପରି କରାଯାଇପାରିବ କିନ୍ତୁ ପହଁରି ଶକ୍ତି ନଷ୍ଟ କରିବା ଉଚିତ ନୁହେଁ । ଶିକାରୀ ମାଛ ପ୍ରତି ସତର୍କ ଦୃଷ୍ଟି ରଖିବା ଉଚିତ ।

ବଞ୍ଚିଥିବା ବ୍ୟକ୍ତିମାନେ ଜାଣିପାରନ୍ତି ଯେ ସେମାନଙ୍କର ଓଠ ଏବଂ ଜିଭ ଫୁଲିଯିବ ଏବଂ ଅଳ୍ପ ଜଳର ବ୍ୟବହାର ଯୋଗୁଁ ଏବଂ ପାଟିରେ ଲାଳ ଅଭାବ ହେତୁ ଓଠ ଫାଟି ଯାଇପାରେ । ପାଟିର ଭିତର ଅଂଶ ଖରାପ ହେତୁ ଅପସ୍ୱାଦ ହୋଇପାରେ ।

# ସିଦ୍ଧାନ୍ତ



# କରନ୍ତୁ ଏବଂ କରନ୍ତୁ ନାହିଁ (ଚେକ୍ ଅପ୍ ଏବଂ ପ୍ରଣାଳୀ)

1. ବନ୍ଦର କର୍ତ୍ତୃପକ୍ଷଙ୍କୁ ଆପଣଙ୍କର ଯାତ୍ରା ଯୋଜନା ସେମାନଙ୍କର ରେକର୍ଡ ପାଇଁ ହସ୍ତାନ୍ତର କରନ୍ତୁ । ଏଥିରେ ଗୁରୁତ୍ୱପୂର୍ଣ୍ଣ ବିବରଣୀ ଅନ୍ତର୍ଭୁକ୍ତ କରାଯିବା ଉଚିତ ଯେପରିକି କ୍ରୁ- ସଦସ୍ୟଙ୍କ ନାମ ଏବଂ ଠିକଣା, ଜାହାଜ ମାଲିକଙ୍କ ନାମ ଏବଂ ଯୋଗାଯୋଗ ବିବରଣୀ, ଜାହାଜର ନାମ ଏବଂ ପଞ୍ଜୀକୃତ ସଂଖ୍ୟା, ଯେଉଁଠାରେ ଆପଣ ମାଛଧରା କାର୍ଯ୍ୟ କରିବାକୁ ଆଶା କରୁଛନ୍ତି, ଫେରିବାର ଆଶା କରାଯାଉଥିବା ତାରିଖ, ଜାହାଜରେ ଉପଲବ୍ଧଥିବା ଯୋଗାଯୋଗ ଉପକରଣ ଇତ୍ୟାଦି ।
2. ଚୁମ୍ବକୀୟ କମ୍ପାସ୍ ନିକଟରେ ଧାତବ ବସ୍ତୁ ରଖନ୍ତୁ ନାହିଁ । ଏହା କମ୍ପାସ୍ କାର୍ଡରେ ଅତିରିକ୍ତ ତ୍ରୁଟି ସୃଷ୍ଟି କରିଥାଏ, ଯାହା ଆପଣଙ୍କର ଷ୍ଟିଅରିଂ ପରିଚାଳନାରେ ଯଥେଷ୍ଟ ବାଧା ସୃଷ୍ଟି କରିଥାଏ ।
3. ସର୍ବଦା ପାଣିପାଗର ପୂର୍ବାନୁମାନ ଉପରେ ନଜର ରଖନ୍ତୁ ଏବଂ ଖରାପ ପାଗ ପାଇଁ ସଜାଗ ରୁହନ୍ତୁ ।
4. ନିଶ୍ଚିତ କରନ୍ତୁ ଯେ ଆପଣଙ୍କର ସୁରକ୍ଷା ଉପକରଣ ଯେପରିକି ଅଗ୍ନି ନିର୍ବାପକ ଯନ୍ତ୍ର, ଲାଇଫ୍ ଜ୍ୟାକେଟ୍, ଲାଇଫ୍ ରିଙ୍ଗ୍, ଲାଇଫ୍ ରାଫ୍ଟ, ଫାୟାର୍ ପମ୍ପ ଏବଂ ହୋସ୍, ସ୍ଥିତି ସୂଚାଉଥିବା ଫ୍ଲେୟାର ଏବଂ ସିଗନାଲ୍ ଭଲ ସ୍ଥିତିରେ ଅଛି ।
5. ଅଗ୍ନି-ନିୟନ୍ତ୍ରଣ, ସମୁଦ୍ରରେ ତିଷ୍ଠି ରହିବା ଏବଂ ପ୍ରାଥମିକ ସହାୟତା କିଟ ସମ୍ପର୍କରେ ସମସ୍ତ କ୍ରୁ-ସଦସ୍ୟଙ୍କ ମୌଳିକ ଜ୍ଞାନ ରହିଛି ।
6. ନିଶ୍ଚିତ କରନ୍ତୁ ଯେ ଆପଣଙ୍କ ପାଖରେ ଯଥେଷ୍ଟ ଇନ୍ଧନ, ମଧୁର ଜଳ, ଖାଦ୍ୟ ବ୍ୟବସ୍ଥା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଅଛି ।
7. ଇଞ୍ଜିନ ଏବଂ ମେସିନ ନିମନ୍ତେ ଯନ୍ତ୍ରପାତି, ସ୍ନେହକ, ଉପକରଣ ଇତ୍ୟାଦି ପାଇଁ ଅତିରିକ୍ତ ଅଂଶ ଜରୁରୀକାଳୀନ ପରିସ୍ଥିତିରେ କିମ୍ବା ଖରାପ ହୋଇଯିବା ସମୟରେ ବ୍ୟବହାର କରିବାକୁ ଜାହାଜରେ ଉପଲବ୍ଧ ହେବା ଜରୁରୀ ।
8. ଆପଣଙ୍କର SSB କିମ୍ବା VHF ରେଡିଓ, ଜିପିଏସ୍ ଏବଂ ଇକୋ ସାଉଣ୍ଡର୍ ଯାଞ୍ଚ କରନ୍ତୁ ।
9. ବ୍ୟାଟେରୀ ଏବଂ ଚାର୍ଜିଂ ସିଷ୍ଟମର ସ୍ଥିତି ଯାଞ୍ଚ କରନ୍ତୁ ।
10. ଭିନ୍ନ ଏବଂ ଭୁଲ ସୂଚନା ପାଇଁ ଚୁମ୍ବକୀୟ କମ୍ପାସ୍ କୁ ଯାଞ୍ଚ କରାଯିବା ଉଚିତ । ନିଆଯାଇଥିବା କାର୍ଯ୍ୟକ୍ରମର ଏକ ରେକର୍ଡ ବଜାୟ ରଖନ୍ତୁ ।
11. ବାଟ ପାଇଁ ସମୟ ଏବଂ ଗତି ଗଣନା କରିବା ସମୟରେ ଉପଲବ୍ଧ ଥିବା ଏବଂ ଆଶା କରାଯାଉଥିବା ପବନ ଏବଂ ସ୍ରୋତ ଗଣନା କରନ୍ତୁ ।
12. ପ୍ରମୁଖ ପରିବହନ ମାର୍ଗ, ପ୍ରତିବନ୍ଧିତ ଅଞ୍ଚଳ, ସଂଲଗ୍ନ ଦେଶର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (EEZ) ର ବର୍ଣ୍ଣନା ଚାର୍ଟରେ ଉପଲବ୍ଧ ହେବା ଉଚିତ, ଚାର୍ଟ କାର୍ଯ୍ୟ ପାଇଁ ଉପକରଣଗୁଡ଼ିକ ଉପଲବ୍ଧ ହେବା ଉଚିତ ।



13. ସୁନିଶ୍ଚିତ କରନ୍ତୁ ଯେ ଇଞ୍ଜିନ ଏବଂ ଯନ୍ତ୍ରଗୁଡ଼ିକ ଭଲ ସ୍ଥିତିରେ ଅଛି ଯାହା ଦ୍ୱାରା ସମୁଦ୍ରରେ ବାହାରିବା ସମୟରେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ।

14. ଜାହାଜ ହଲ୍ ର କୌଣସି ଫାଟ ଏବଂ କ୍ଷତି ପାଇଁ ବାହାରେ ଏବଂ ଲିକ୍ ପାଇଁ ଭିତରେ ଯତ୍ନର ସହିତ ଯାଞ୍ଚ କରନ୍ତୁ ।

15. ନିଶ୍ଚିତ କରନ୍ତୁ ଯେ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ଆପଣଙ୍କର ଆବଶ୍ୟକୀୟ ପରିଚୟପତ୍ର ଅଛି ।

16. ଅଧିକ ସମୟ ପାଇଁ ଯାତ୍ରାକରୁଥିବା ବାଟ ପାଇଁ ଏକ ଘଣ୍ଟା ସୂଚୀ (ଡ୍ୟୁଟି ରୋଷ୍ଟର) ପ୍ରସ୍ତୁତ ଏବଂ ଅଭ୍ୟାସ କରନ୍ତୁ । ଏହା କର୍ମଚାରୀଙ୍କ ଉପରେ ଚାପକୁ ହ୍ରାସ କରିଥାଏ ।

17. ସର୍ବଦା ଅନ୍ୟ ଜାହାଜ ସହିତ ଏକ ସମୂହରେ ରହିବାକୁ ଚେଷ୍ଟା କରନ୍ତୁ ଏବଂ ପରସ୍ପରର ଆଖପାଖରେ ରହିବାକୁ ଚେଷ୍ଟା କରନ୍ତୁ । ଜରୁରୀକାଳୀନ ପରିସ୍ଥିତିରେ ଏହା ଆପଣଙ୍କୁ ଅନ୍ୟ ଜାହାଜରୁ ସହାୟତା ପାଇବାରେ ସାହାଯ୍ୟ କରିବ ।

18. ସମୁଦ୍ରରେ ମାଛ ଧରିବାରେ ନିୟୋଜିତ ଅନ୍ୟ ଜାହାଜ ଏବଂ ମତ୍ସ୍ୟଗ୍ରହଣରୁ ଫେରୁଥିବା ଜାହାଜଗୁଡ଼ିକ ବିଷୟରେ ଅନୁସନ୍ଧାନ କରନ୍ତୁ । ସେମାନଙ୍କର ଗତିବିଧି ଉପରେ ନଜର ରଖନ୍ତୁ । ଏହା ଆପଣଙ୍କୁ ଏକ ଜରୁରୀକାଳୀନ ପରିସ୍ଥିତିରେ ସାହାଯ୍ୟ କରିବ ଏବଂ ଆପଣ କିଛି ମାତ୍ରାରେ ମାଛ ଧରିବା ଏବଂ ପାଣିପାଗ ପରିସ୍ଥିତି ବିଷୟରେ ପୂର୍ବାନୁମାନ କରିବାରେ ସମର୍ଥ ହେବେ ।

19. ସର୍ବଦା ଏକ ଚାର୍ଟରେ ଆପଣଙ୍କର ସ୍ଥିତିକୁ ଦର୍ଶାନ୍ତୁ । ଆପଣ ଏହାକୁ ପ୍ରତି ଘଣ୍ଟାରେ ଗଭୀର ସମୁଦ୍ରରେ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରତି 30 ମିନିଟରେ ଅପଡେଟ୍ କରନ୍ତୁ ।

20. ଦିନକୁ ଅତି କମ୍ ରେ ଦୁଇଥର ଉପକୂଳ ରେଡିଓ ଷ୍ଟେସନ୍ ସହିତ ଯୋଗାଯୋଗ କରନ୍ତୁ ଏବଂ ସେମାନଙ୍କୁ ଆପଣଙ୍କର ସ୍ଥିତି ବିଷୟରେ ଜଣାନ୍ତୁ । ପାଣିପାଗ ବିଷୟରେ ଯଥା ସମ୍ଭବ ସୂଚନା ସେମାନଙ୍କଠାରୁ ସଂଗ୍ରହ କରନ୍ତୁ ।



21. ଅନାବଶ୍ୟକ ବାର୍ତ୍ତାଳାପ ପାଇଁ ରେଡିଓ ବ୍ୟବହାର କରନ୍ତୁ ନାହିଁ । ଅନ୍ୟ ଜାହାଜରୁ ଜରୁରୀକାଳୀନ କଲ ପାଇବା ପାଇଁ ରେଡିଓକୁ ଯଥାସମ୍ଭବ ମୁକ୍ତ ରଖନ୍ତୁ । ଏହାକୁ ଦୃଢ ଭାବେ ପାଳନ କରାଯିବା ଉଚିତ ଏବଂ ନିଶ୍ଚିତ କରନ୍ତୁ ଯେ କ୍ରୁ-ସଦସ୍ୟମାନେ ଶୁଣିବାର ମହତ୍ତ୍ୱ ବିଷୟରେ ଅବଗତ ଅଛନ୍ତି ।

22. ସମୁଦ୍ରରେ ଭାସୁଥିବା ଅଜ୍ଞାତ ବସ୍ତୁଗୁଡ଼ିକୁ ଉଠାଇବାକୁ ଚେଷ୍ଟା କରନ୍ତୁ ନାହିଁ । ଏହିପରି ବସ୍ତୁଗୁଡ଼ିକ ସମୁଦ୍ର ଖଣି କିମ୍ବା ବିସ୍ଫୋରକ ହୋଇପାରେ ଯାହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ସ୍ଥିତିକୁ ସୂଚାଇ ଯଥାଶୀଘ୍ର ଏହାକୁ ସମୁଦ୍ର କୂଳକୁ ଜଣାଇବା ଉଚିତ ।

23. ଅନ୍ୟ ଜାହାଜଗୁଡ଼ିକ ପ୍ରତି ସର୍ବଦା ସଜାଗ ରୁହନ୍ତୁ ଏବଂ ଆପଣଙ୍କୁ ଅତିକ୍ରମ କରିବା ଉପରେ ଧ୍ୟାନ ଦିଅନ୍ତୁ । ଧକ୍କା ନହେବା ପାଇଁ ଠିକ୍ ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।

24. ମତ୍ସ୍ୟକ୍ଷେତ୍ରକୁ ଯିବାବେଳେ ଏବଂ ଫେରିବା ବାଟରେ ଡେକ୍ ରେ ମାଛଧରିବା ଗିୟର ରଖନ୍ତୁ ନାହିଁ ।

25. ଯଦି ଆବଶ୍ୟକ ନହୁଏ ତେବେ ସମୁଦ୍ରରେ ଅନ୍ୟ ଜାହାଜଗୁଡ଼ିକୁ ଯାଆନ୍ତୁ ନାହିଁ ।

26. ସର୍ବଦା ପବନ ସହିତ ମାଛ ଧରିବା ଜାଲ ପକାନ୍ତୁ ଏବଂ ଉଠାଇବା ସମୟରେ ସେମାନଙ୍କୁ ପବନ ବହୁଥିବା ଦିଗ ଆଡକୁ ଟାଣନ୍ତୁ । ଏହା ଜାଲ ଏବଂ ଲାଇନ ପଛରେ ଜାହାଜକୁ ରଖିବାରେ ସହାୟକ ହେବ ଏବଂ ଜାହାଜ ତାହା ଉପରକୁ ମାଡି ଯିବ ନାହିଁ ।



# ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ମନେରଖିବା ଉଚିତ




ବାରୋମିଟରର ସୂଚକାଙ୍କରେ ହଠାତ୍ ପତନ ଆସିବା, ଖରାପ ପାଣିପାଗକୁ ସୂଚାଇଥାଏ ।

ଜାହାଜ ଚଳାଚଳ ପୂର୍ବରୁ ସର୍ବଦା ନିଶ୍ଚିତ କରନ୍ତୁ ଯେ ଅତିରିକ୍ତ ଯନ୍ତ୍ରାଂଶଗୁଡ଼ିକ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ । ହଲ୍ ରେ ଯେକୌଣସି ଲିକ୍ ବନ୍ଦ କରିବାକୁ ପ୍ୟାକିଂ ଏବଂ ସାମଗ୍ରୀ ଉପଲବ୍ଧ ହେବା ଜରୁରୀ ।



କ୍ରୁ-ସଦସ୍ୟମାନେ ସମସ୍ତ ଅସୁରକ୍ଷିତ ଅବସ୍ଥାକୁ ସ୍କିପ୍ପରଙ୍କୁ ଜଣାଇବା ଜରୁରୀ । ଅସୁରକ୍ଷିତ ଅବସ୍ଥାକୁ ଯଥାଶୀଘ୍ର ସଂଶୋଧନ କରିବା ସ୍କିପରଙ୍କ ଉପରେ ନିର୍ଭର କରେ।



ଜାହାଜରେ ପ୍ରାଥମିକ ସହାୟତା କିଟ୍ ଭାବରେ ନିମ୍ନଲିଖିତ ସାମଗ୍ରୀ ରହିବା ଉଚିତ:

| ପ୍ରାଥମିକ ସହାୟତା ବାକ୍ସ | ଜରୁରୀ | ସୁପାରିଶ ହୋଇଥିବା |
|---|---|---|
| ବ୍ୟାଣ୍ଡେଜ | X | |
| ବ୍ୟାଣ୍ଡେଡ | X | |
| ଷ୍ଟେରାଇଲ ଡ୍ରେସିଂସ | X | |
| ଷ୍ଟେରାଇଲ ଗଜ | X | |
| ଆଧେସିଭ ଟେପ | X | |
| ସିଜର | X | |
| ସେଫଟି ପିନ୍ସ | X | |
| ଆଣ୍ଟିସେପ୍ଟିକ କ୍ରୀମ | X | |
| ଟ୍ୱିଜର୍ | X | |
| ଲିକୁଇଡ ଆଣ୍ଟିସେପ୍ଟିକ | | X |
| ପେନ କିଲିଙ୍ଗ ଟାବଲେଟସ୍ | | X |
| ସନସ୍କ୍ରୀନ | | X |
| ଆଇ ୱାଶ | | X |
| ପ୍ରଥମ ସହାୟତା ପୁସ୍ତକ | | X |




ପ୍ରାଥମିକ ଚିକିତ୍ସା ଜୀବନ ଏବଂ ମୃତ୍ୟୁ ମଧ୍ୟରେ ବ୍ୟବଧାନକୁ ଦୂର କରିପାରିବ । ସର୍ବଦା ନିଶ୍ଚିତ କରନ୍ତୁ ଯେ ଆପଣଙ୍କର ପ୍ରାଥମିକ ସହାୟତା ବାକ୍ସ ଭଲ ଭାବରେ ବ୍ୟବହାର ହେଉଛି ଏବଂ ସମସ୍ତ କ୍ରୁ-ସଦସ୍ୟଙ୍କ ବ୍ୟବହାରିକ ଏବଂ ଅତ୍ୟାଧୁନିକ ଜ୍ଞାନ ଏବଂ ପ୍ରାଥମିକ ସହାୟତା ବିଷୟରେ ଜ୍ଞାନ ଅଛି । ସାମଗ୍ରୀ ଗୁଡିକ ବ୍ୟବହୃତ ହେବାପରେ ପ୍ରାଥମିକ ସହାୟତା କିଟ୍ ପୁରଣ କରିବାକୁ ଭୁଲନ୍ତୁ ନାହିଁ ।

# ସିଦ୍ଧାନ୍ତ

FAO ଏବଂ BOBP-IGO ଆଶା କରେ ଯେ କ୍ଷୁଦ୍ର ମତ୍ସ୍ୟଜୀବୀ ମାନଙ୍କ ପାଇଁ ସମୁଦ୍ରରେ ନିରାପତ୍ତା ଉପରେ ଏହି ପୁସ୍ତକଟି ସୁରକ୍ଷା ସଚେତନତା ପ୍ରସାରରେ ସହାୟକ ହେବ, ଦୁର୍ଘଟଣାକୁ ରୋକିବାରେ ସାହାଯ୍ୟ କରିବ ଏବଂ ଦୁର୍ଘଟଣା ଘଟିଲେ ବଞ୍ଚିବାର ସମ୍ଭାବନାକୁ ବଢାଇବ ।

ଏକ ଛୋଟ ଆକାରର ମତ୍ସ୍ୟଜୀବୀ ଜାହାଜରେ କାର୍ଯ୍ୟ ସମ୍ପର୍କିତ ସୁରକ୍ଷା ନିର୍ଦ୍ଦେଶାବଳୀ (ଯଥା ଅଗ୍ନି ନିରାପତ୍ତା, ଡେକ୍ ସୁରକ୍ଷା, ଜୀବନ ରକ୍ଷା ଉପକରଣ, ଆଲୋକ ଏବଂ ବାୟୁ ଚଳପ୍ରଚଳ), ବ୍ୟକ୍ତିଗତ ସୁରକ୍ଷା ଏବଂ ଜାହାଜକୁ ଚଳାଇବା ସମ୍ପର୍କୀୟ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ସମ୍ବନ୍ଧରେ ଏହି ପୁସ୍ତକ ବ୍ୟବହାରିକ ଏବଂ ସରଳ ମାର୍ଗଦର୍ଶନ କରେ । ମତ୍ସ୍ୟଜୀବୀମାନେ ମାଛ ଧରିବା ପୂର୍ବରୁ ଯେଉଁ ସବୁ ଯାଞ୍ଚ ଏବଂ ପ୍ରଣାଳୀ ଉପରେ ଧ୍ୟାନ ଦେବା ଉଚିତ, ତାହା ଏହି ପୁସ୍ତକରେ ପରାମର୍ଶ ଦିଆଯାଇଅଛି । ସମୁଦ୍ରରେ ଦୁର୍ଘଟଣା ହେଲେ ମତ୍ସ୍ୟଜୀବୀଙ୍କ ବଞ୍ଚିବା ପାଇଁ ପରାମର୍ଶ, ଏହି ପୁସ୍ତକରେ ମଧ୍ୟ ପ୍ରଦାନ କରାଯାଇଛି ।

ଏକ ଛୋଟ ମାଛଧରା ଜାହାଜରେ ନିରାପଦ କାର୍ଯ୍ୟ କରିବା ପାଇଁ ଏହି ପୁସ୍ତକ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ପ୍ରଦାନ କରୁଥିବାବେଳେ ସମୁଦ୍ରକୁ ଯିବା ପୂର୍ବରୁ ପ୍ରତ୍ୟେକ କ୍ରୁ ସଦସ୍ୟଙ୍କୁ ସୁରକ୍ଷା ତାଲିମ ଦିଆଯିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି । ଏପରି ଏକ ପ୍ରାକ-ସୁରକ୍ଷା ନିରାପତ୍ତା ତାଲିମ ନିମ୍ନଲିଖିତ ପରମର୍ଶକୁ ଅନ୍ତର୍ଭୁକ୍ତ କରିବା ଉଚିତ:

- ସମ୍ଭାବ୍ୟ ଜରୁରୀକାଳୀନ ପରିସ୍ଥିତି ଗୁଡିକ ଯଥା ଅଗ୍ନିକାଣ୍ଡ, ଜାହାଜ ଭୂମିଗତ ହେବା (ଗ୍ରାଉଣ୍ଡିଙ୍ଗ), ଜାହାଜ ବୁଡିଯିବା ଏବଂ ଆଘାତପ୍ରାପ୍ତ ହେବା ।
- ଏକ ଲାଇଫ୍ ଜ୍ୟାକେଟ୍, ବୁଡାଳି ସୁଟ୍ (ଉପଯୁକ୍ତ) ଏବଂ / କିମ୍ବା ଭାସମାନ ଉପକରଣର ବ୍ୟବହାର ।
- ଅଗ୍ନି ନିର୍ବାହନକାରୀ ଯନ୍ତ୍ର ଏବଂ ହୋସ୍ ର ବ୍ୟବହାର ।
- ଅସୁବିଧା ସଙ୍କେତ ଉପକରଣର ବ୍ୟବହାର ।
- ମଦ୍ୟପାନ ଏବଂ ଡ୍ରଗ୍ସ୍ ସେବନ ସମ୍ବନ୍ଧୀୟ ବିପଦ ।
- ଦୁର୍ଘଟଣାରେ ବ୍ୟବହାର ପାଇଁ ଆବଶ୍ୟକୀୟ ପ୍ରଥମ ସହାୟତା ପଦକ୍ଷେପ ।
- ସାଧାରଣ ନାବିକୀୟ ଶବ୍ଦ ।
- ହାଇପୋଥର୍ମିଆର କାରଣ ଏବଂ ପ୍ରଭାବ, ଏହାର ପ୍ରତିରୋଧ ଏବଂ ଚିକିତ୍ସା ।
- ସମୁଦ୍ରକୁ ଯିବା ପୂର୍ବରୁ ମତ୍ସ୍ୟଜୀବୀ ମାନଙ୍କ ତାଲିକା ଏବଂ ମତ୍ସ୍ୟଜୀବୀ ଯାତ୍ରା ବିବରଣୀ ବିଷୟରେ ବନ୍ଦର ପରିଚାଳକ କିମ୍ବା ମତ୍ସ୍ୟଜୀବୀ ସଂଘଙ୍କୁ ସୂଚନା ଦେବା ।
- ଜାହାଜରେ ଥିବା କାର୍ଯ୍ୟ ବିଷୟରେ ମୌଳିକ ସୁରକ୍ଷା ସଚେତନତା ।

ଏହି ପୁସ୍ତକ ଜାତୀୟ ନିୟମ ଏବଂ ସୁରକ୍ଷା ନିୟମଗୁଡ଼ିକର ବିକଳ୍ପ ଭାବରେ ଉଦ୍ଦିଷ୍ଟ ନୁହେଁ । ଜାତୀୟ ସ୍ତରର ମତ୍ସ୍ୟବୃତ୍ତି ସୁରକ୍ଷା ତାଲିମ ଏବଂ ଦକ୍ଷତା ବିକାଶ ପାଇଁ ଏହା କୌଣସି ବିକଳ୍ପ ନୁହେଁ ।

ମତ୍ସ୍ୟବୃତ୍ତି କାର୍ଯ୍ୟକୁ ଅଧିକ ସୁରକ୍ଷିତ କରିବା ପାଇଁ ଏହି ପୁସ୍ତକରେ ଦିଆଯାଇଥିବା ପରାମର୍ଶ ଏବଂ ଉପଦେଶ ବ୍ୟବହାର କରନ୍ତୁ ।

"ପ୍ରଥମେ ସୁରକ୍ଷା" ଏହାକୁ ଏକ ମତ୍ସ୍ୟଜୀବୀ ଜାହାଜରେ କାମ କରୁଥିବା ବ୍ୟକ୍ତି ମନେ ରଖିବା ଉଚିତ ଏବଂ ପ୍ରତିଦିନ ପ୍ରୟୋଗ କରିବା ଉଚିତ ।

***

## ଛୋଟ ଆକାରର ମତ୍ସ୍ୟଜୀବୀ ଜାହାଜଗୁଡ଼ିକର ସୁରକ୍ଷା ବିଷୟରେ ଅଧିକ ବିସ୍ତୃତ ସୂଚନା ପାଇଁ, ଦୟାକରି ଦେଖନ୍ତୁ:


୧) FAO/ILO/IMO. ୧୨ ମିଟରରୁ କମ୍ ଦୈର୍ଘ୍ୟ ବିଶିଷ୍ଟ ଜାହାଜ ଏବଂ ଅନାବୃତ୍ତ ମତ୍ସ୍ୟ ଜାହାଜରେ ମତ୍ସ୍ୟବୃତ୍ତି ପାଇଁ ସୁରକ୍ଷା ସୁପାରିଶ *http: //www.fao.org/3/i3108e/i3108e.pdf* ରେ ଉପଲବ୍ଧ ।

୨) ମତ୍ସ୍ୟବୃତ୍ତି ପରିଚାଳନା, ମତ୍ସ୍ୟସଂଗ୍ରହ କ୍ଷେତ୍ରରେ ସମୁଦ୍ରରେ ନିରାପତ୍ତାକୁ ଉନ୍ନତ କରିବା ପାଇଁ ସର୍ବୋତ୍ତମ ଉପାୟ, ଦାୟିତ୍ୱପୂର୍ଣ୍ଣ ମତ୍ସ୍ୟବୃତ୍ତି ପାଇଁ FAO ର ବୈଷୟିକ ନିର୍ଦ୍ଦେଶାବଳୀ ନମ୍ବର ୧, ସଂଖ୍ୟା ୩. ରୋମ୍, *http://www.fao.org/3/a-i4740e.pdf* ରେ ଉପଲବ୍ଧ ।

୩) FAO/SIDA/IMO/BOBP-IGO. ଛୋଟ ମାଛଧରା ଡଙ୍ଗା ପାଇଁ ସୁରକ୍ଷା ଗାଇଡ୍ । BOBP/REP/112 ରେ ଉପଲବ୍ଧ: *http://bobpigo.org/webroot/img/uploaded/pdf/safety_guide-rep112.pdf*

ଏହି ପୁସ୍ତକଟି କ୍ଷୁଦ୍ର-ମତ୍ସ୍ୟଜୀବୀମାନଙ୍କ ପାଇଁ ସମୁଦ୍ରରେ ନିରାପତ୍ତା ସମ୍ପର୍କୀୟ ସଚେତନତାର, ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ଏବଂ ଦୁର୍ଘଟଣା ଘଟିଲେ ବଞ୍ଚିବାର ସମ୍ଭାବନା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ଏକ ଛୋଟ ଆକାରର ମତ୍ସ୍ୟଜୀବୀ ଜାହାଜରେ କାର୍ଯ୍ୟ ସମ୍ପର୍କିତ ସୁରକ୍ଷା ନିର୍ଦ୍ଦେଶାବଳୀ (ଯଥା ଅଗ୍ନି ନିରାପତ୍ତା, ଡେକ୍। ସୁରକ୍ଷା, ଜୀବନ ରକ୍ଷା ସମ୍ବନ୍ଧୀୟ ଉପକରଣ, ଆଲୋକ ଏବଂ ବାୟୁ ଚଳାଚଳ), ବ୍ୟକ୍ତିଗତ ସୁରକ୍ଷା ଏବଂ ନାଭିଗେସନ୍ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ବିଷୟରେ ଏହି ପୁସ୍ତକଟି ବ୍ୟବହାରିକ ଏବଂ ସରଳ ମାର୍ଗଦର୍ଶନ କରେ । ଏକ ମାଛଧରା ଯାତ୍ରା ପୂର୍ବରୁ କରାଯିବାକୁ ଥିବା ଯାଞ୍ଚ ଏବଂ ପ୍ରକ୍ରିୟା, ସମୁଦ୍ରରେ ତିଷ୍ଠି ରହିବା ପାଇଁ ମାର୍ଗଦର୍ଶନ ମଧ୍ୟ ଏହି ପୁସ୍ତକରେ ଅନ୍ତର୍ଭୁକ୍ତ ।



ISBN 978-92-5-134384-5
9 789251 343845
CA5772OR/1/06.21